୬ ବିଜୟ ସହ ଏସିଆ କପ୍ ଯାତ୍ରା ଆରମ୍ଭ କଲା ଭାରତ



ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର
31 YEARS
# ସମ୍ବାଦ କଳିକା
The Sambad Kalika
E-mail : sambadkalikanews@gmail.com
e-paper www.sambadkalika.in
TM
ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର
The only ISO Certified Odia Newspaper NS-EN ISO 9001:2008
୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ-୩୨ ● ସଂଖ୍ୟା-୨୧୨ ● ୩୦ ଅଗଷ୍ଟ ୨୦୨୫, ଶନିବାର ● ଭୁବନେଶ୍ୱର ● Vol -32 Issue-212 ● 30th August 2025, Saturday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27

### ଏସ୍‌ସି-ଏସ୍‌ଟି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ କମିଟି ସଦସ୍ୟଙ୍କ ୨ ଦିନିଆ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ

# ସମତାଭିତ୍ତିକ ସମାଜ ଗଠନ ପାଇଁ ଲୋକସଭା ବାଚସ୍ପତିଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୯।୮**
**ନ୍ୟୁଜ୍ ବ୍ୟୁରୋ**

ଶୁକ୍ରବାର ଭୁବନେଶ୍ୱରରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଗଣଙ୍କ ଜାତୀୟ ସମ୍ମିଳନୀ ଉଦ୍‌ଘାଟିତ ହୋଇଯାଇଛି। ଲୋକସେବା ଭବନର କନଭେନ୍‌ସନ୍ ହଲ୍‌ରେ ଆୟୋଜିତ ଏହି ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଲୋକସଭା ବାଚସ୍ପତି ଓମ୍ ବିର୍ଲା ଉଦ୍‌ଘାଟନ କରିଛନ୍ତି।

ଏହି ଅବସରରେ ଶ୍ରୀ ବିର୍ଲା କହିଛନ୍ତି ଯେ, ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି



ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରସ୍ତାବ, ଅନୁଶୀଳନ ଓ ତଦାରଖ ଯୋଗୁ ସମ୍ଭବ ହୋଇପାରିଛି। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି ବୋଲି ଶ୍ରୀ ବିର୍ଲା କହିଥିଲେ।

ସେ ଆହୁରି ମଧ୍ୟ କହିଲେ ଯେ, ଭୁବନେଶ୍ୱରର ବର୍ତ୍ତମାନର ବଦଳୁଥିବା ପରିସ୍ଥିତି ଅନୁଯାୟୀ ଏହି ସମ୍ମିଳନୀରେ, କମିଟି ଯାହା ପ୍ରସ୍ତାବ *(ପୃଷ୍ଠା ୭ରେ)*

### ଜାପାନ ଶିଖର ସମ୍ମିଳନୀରେ ପ୍ରଧାନମନ୍ତ୍ରୀ

# ଦ୍ରୁତ ଅର୍ଥନୀତି ଆଡକୁ ଅଗ୍ରସର ହେଉଛି ଭାରତ

**ଟୋକିଓ, ୨୯।୮**

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଜାପାନ ଗସ୍ତରେ ଆସି ଟେକିଓ ଠାରେ ଅନୁଷ୍ଠିତ ୧୫ତମ ବାର୍ଷିକ ଶିଖର ସମ୍ମିଳନୀରେ ଯୋଗ ଦେଇଛନ୍ତି । ଟୋକିଓରେ ଇଣ୍ଡିଆ-ଜାପାନ ଅର୍ଥନୀତି ଫୋରମ୍‌କୁ ସମ୍ବୋଧନ କରି ମୋଦୀ କହିଛନ୍ତି ଭାରତରେ ପୁଞ୍ଜି ନିବେଶ ପାଇଁ ବିଦେଶୀ କମ୍ପାନୀ ଆଗ୍ରହୀ ଅଛନ୍ତି । ବିକଶିତ ଭାରତ ଗଠନ କରିବା ଆମର ସର୍ବୋଚ୍ଚ ଲକ୍ଷ୍ୟ। ଦ୍ରୁତ ଅର୍ଥନୀତି ଆଡକୁ ଭାରତ ଅଗ୍ରସର ହେଉଛି । ବିଗତ ୧୧ବର୍ଷରେ ଭାରତର ଦ୍ରୁତ ପ୍ରଗତି ଘଟିଛି । ଭାରତରେ ରାଜନୈତିକ ଓ ଅର୍ଥନୈତିକ ସ୍ଥିରତା ଆସିଛି । ଅଟୋ ମୋବାଇଲ୍ କ୍ଷେତ୍ରରେ ଆଗକୁ ବଢୁଛି ଭାରତ, ବିଜନେସ୍ ପାଇଁ ସିଙ୍ଗଲ୍ ଓ୍ୱିଣ୍ଡୋ ସିଷ୍ଟମ୍ କରିଛି ଭାରତ । ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ଭାରତରେ ପୁଞ୍ଜି ନିବେଶ କଲେ ଭଲ ରିଟର୍ଣ୍ଣ ରହିଛି । ଭାରତ-ଜାପାନ



ପାର୍ଟନରସିପ୍‌ର ଅନେକ ସମ୍ଭାବନା ରହିଛି । ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ ଜାପାନ ପ୍ରଧାନମନ୍ତ୍ରୀ ଶିଗେରୁ ଇଶିବାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି କହିଛନ୍ତି ଭାରତର ବିକାଶ ଯାତ୍ରାରେ ଜାପାନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର। ମେଟ୍ରୋରୁ ସେମିକଣ୍ଡକ୍ଟର ଏବଂ ବୁଲେଟ ଟ୍ରେନ ପର୍ଯ୍ୟନ୍ତ ଆମର ସହଭାଗୀତା ବିଶ୍ୱାସ ପ୍ରତୀକ । ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ ଜାପାନ କମ୍ପାନୀ ଗୁଡିକ ଏପର୍ଯ୍ୟନ୍ତ ୪୦ବିଲିୟନ ଡଲାରରୁ ଅଧିକ ନିବେଶ କରିଛନ୍ତି । ଜାପାନ ପ୍ରଯୁକ୍ତିବିଦ୍ୟାର କେନ୍ଦ୍ର ହୋଇଥିଲେ ମଧ୍ୟ ଭାରତ ପ୍ରତିଭାର ଏକ ଶକ୍ତିଶାଳୀ କେନ୍ଦ୍ର ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ଟୋକିଓରେ ପହଞ୍ଚିବା ପରେ ପ୍ରବାସୀ ଭାରତୀୟମାନେ ମୋଦୀ ମୋଦୀ ନାରା ଲଗାଇ ତାଙ୍କୁ ସ୍ୱାଗତ ଜଣାଇଥିଲେ । ସେଠାକାର ଲୋକମାନେ ଗାୟତ୍ରୀ ମନ୍ତ୍ର ଜପ କରି ମୋଦୀଙ୍କୁ ସ୍ୱାଗତ କରିଥିଲେ ।

## ଆଇଏମଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ହେଲେ ଆରବିଆଇର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲ



**ନୂଆଦିଲ୍ଲୀ, ୨୯।୮**

ଆରବିଆଇର ପୂର୍ବତନ ଗଭର୍ଣ୍ଣର ଉର୍ଜିତ ପଟେଲଙ୍କୁ ଆଇଏମଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ଶୁକ୍ରବାର ନିଯୁକ୍ତ କରାଯାଇଛି। ପୂର୍ବରୁ ତାଙ୍କୁ ରଘୁରାମ ରାଜନଙ୍କ ପରେ ଆରବିଆଇ ଗଭର୍ଣ୍ଣର ଭାବେ ନିଯୁକ୍ତି ମିଳିଥିଲା । ବର୍ତ୍ତମାନ ତାଙ୍କୁ ଆଇଏମଏଫ୍‌ରେ ଏକ ନୂଆ ଓ ବଡ ଦାୟିତ୍ୱ ମିଳିଛି । ୩ ବର୍ଷ ପାଇଁ ଉର୍ଜିତ ପଟେଲଙ୍କୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠିରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ନିଯୁକ୍ତ କରାଯାଇଛି। ଏହା ପୂର୍ବରୁ ମଧ୍ୟ ସେ ଅନେକ ମହତ୍ତ୍ୱପୂର୍ଣ୍ଣ ପଦବୀରେ କାର୍ଯ୍ୟ କରି ସାରିଛନ୍ତି। ସେ ଆରବିଆଇର ଗଭର୍ଣ୍ଣର ଥିବା ସମୟରେ ଦେଶରେ ବିମୁଦ୍ରାକରଣ କରାଯାଇଥିଲା।

ଉର୍ଜିତ ପଟେଲଙ୍କ ଜନ୍ମ ୧୯୬୩ ମସିହାରେ କେନିଆରେ ହୋଇଥିଲା। ମାତ୍ର ତାଙ୍କ ପରିବାର ଗୁଜରାଟର ବାସିନ୍ଦା। ଏହା ପୂର୍ବରୁ ସେ ଆଇଏମଏଫ ସହିତ ମଧ୍ୟ କାମ କରିଛନ୍ତି। ସେ ୧୯୯୮ *(ପୃଷ୍ଠା ୭ରେ)*

# ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅପଶବ୍ଦ ବ୍ୟବହାର ଘଟଣାରେ ୨ ଗିରଫ

**ପାଟନା, ୨୯।୮**

ବିହାରର ଦରଭଙ୍ଗାରେ ମହାମେଣ୍ଟର ଭୋଟର୍ ଅଧିକାର ଯାତ୍ରା ମଞ୍ଚରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିରୋଧରେ ଅପଶବ୍ଦ ବ୍ୟବହାର କରିଥିବା ଘଟଣାରେ ସଂପୃକ୍ତ ଦୁଇ ଜଣ ଯୁବକକୁ ଗିରଫ କରାଯାଇଛି। ଭାରତୀୟ ଜନତା ପାର୍ଟିର ଜିଲ୍ଲା ଅଧ୍ୟକ୍ଷ ଆଦିତ୍ୟ ନାରାୟଣ ଝା ସିମରୀ ଥାନାରେ ସେମାନଙ୍କ ବିରୁଦ୍ଧରେ ଅଭିଯୋଗ ଦରଜ କରିଥିଲେ। ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅଶାଳୀନ ଓ ଅପଶବ୍ଦ ପ୍ରୟୋଗ କରିଥିବା ଯୁବକଙ୍କ ପରିଚୟ ସିଂହୱାଡ଼ା ଥାନା କ୍ଷେତ୍ରର ଭୋପୁରା ଗାଆଁ ନିବାସୀ ମହମ୍ମଦ ରିଜବୀ ଓରଫ ରଜା( ୨୦ ବର୍ଷ) ପିତା ମହମ୍ମଦ ବୋଲି ଜଣାପଡ଼ିଛି।

ଘଟଣା ସମ୍ପର୍କରେ ସୂଚନା ମିଳିବା ପରେ ଦରଭଙ୍ଗା ପୋଲିସ୍ ତ୍ୱରିତ କାର୍ଯ୍ୟାନୁଷ୍ଠାନ ଆରମ୍ଭ କରିଛି ଏବଂ ଗୁରୁବାର ବିଳମ୍ବିତ ରାତିରେ ଚଢ଼ଉକରି ମହମ୍ମଦ ରିଜୱିକକୁ ତାଙ୍କ ଗାଆଁରୁ ଗିରଫ କରିଛି। ଏହି ଘଟଣା ବିଠୌଲି



ଛକରେ କଂଗ୍ରେସର ଭୋଟର୍ ଅଧିକାର ଯାତ୍ରା ସମୟରେ ଘଟିଥିଲା। ଏହି ଆପତ୍ତିଜନକ ଟିପ୍ପଣୀ ଉପରେ ଦରଭଙ୍ଗା ଭାଜପାର ଜିଲ୍ଲା ଅଧ୍ୟକ୍ଷ, ମହାମେଣ୍ଟର ନେତା ମହମ୍ମଦ ନୌସାଦ, ପିତା ମହମ୍ମଦ ଅରଶଦ, ଗ୍ରାମ ଦେଓ୍ୱରା ବନ୍ଦୋଲି ଥାନା ଜାଲେ ବିରୁଦ୍ଧରେ ସିମରୀ ଥାନାରେ ଅଭିଯୋଗ ହୋଇଥିଲା।

ବିହାରର ଦରଭଙ୍ଗାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଦିବଂଗତ ମାଆଙ୍କ ପାଇଁ ଅପମାନଜନକ ଶବ୍ଦ ବ୍ୟବହାରକୁ ନେଇ ବିବାଦ ବୃଦ୍ଧି ପାଉଥିବା ବେଳେ ଏହାକୁ ନେଇ ଅନେକ ସ୍ଥାନରେ ମାମଲା ମଧ୍ୟ ରୁଜୁ ହୋଇଛି। ଅନେକ ବିଶିଷ୍ଟ ବ୍ୟକ୍ତି, ନେତାମାନେ ଏହାକୁ ନିନ୍ଦା କରିଛନ୍ତି। ଅନ୍ୟପଟେ ଶୁକ୍ରବାର ପାଟନାରେ ଏହାକୁ ନେଇ ପ୍ରବଳ ଉତ୍ତେଜନା ସୃଷ୍ଟି ହୋଇଛି। ବିଜେପି କର୍ମୀମାନେ ଏହାର ପ୍ରତିବାଦ କରି କଂଗ୍ରେସ କାର୍ଯ୍ୟାଳୟ ନିକଟରେ ପହଞ୍ଚି ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ଏଥିଯୋଗୁ କଂଗ୍ରେସ ଓ ବିଜେପି କର୍ମୀ ମୁହାଁମୁହିଁ ହେବା ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଜେପି ଓ କଂଗ୍ରେସକର୍ମୀଙ୍କ *(ପୃଷ୍ଠା ୭ରେ)*

# ଦିଲ୍ଲୀ, କୋଲକାତା ଅସୁରକ୍ଷିତ : ମହିଳାଙ୍କ ପାଇଁ ସୁରକ୍ଷିତ ଭୁବନେଶ୍ୱର

**ନୂଆଦିଲ୍ଲୀ, ୨୯।୮**

ଦିଲ୍ଲୀ ଓ କୋଲକାତା ସମେତ ୭ଟି ସହର ମହିଳାଙ୍କ ପାଇଁ ସୁରକ୍ଷିତ ନ ଥିବା ମହିଳା ସୁରକ୍ଷା ସୂଚକାଙ୍କ 'ନାରୀ-୨୦୨୫' ରିପୋର୍ଟରୁ ଜଣାପଡିଛି। ରାଞ୍ଚି, ଶ୍ରୀନଗର, କୋଲକାତା, ଦିଲ୍ଲୀ, ଫରିଦାବାଦ, ପାଟନା ଏବଂ ଜୟପୁର ଭଳି ସହର ମହିଳାଙ୍କ ପାଇଁ ସବୁଠାରୁ କମ୍ ସୁରକ୍ଷିତ ସହର ମଧ୍ୟରେ ସ୍ଥାନିତ ହୋଇଥିବା ବେଳେ କୋହିମା, ବିଶାଖାପାଟନମ୍, ଭୁବନେଶ୍ୱର, ଆଇଜଲ୍, ଗ୍ୟାଙ୍ଗଟକ୍, ଇଟାନଗର ଏବଂ ମୁମ୍ବାଇକୁ ସୁରକ୍ଷିତ ବୋଲି ରିପୋର୍ଟରେ ଦର୍ଶାଯାଇଛି। ଦେଶରେ ମହିଳା ସୁରକ୍ଷା ଉପରେ ଏକ ଜାତୀୟ ସୂଚକାଙ୍କରୁ ଜଣାପଡିଛି ଯେ ଭାରତର ସହରାଞ୍ଚଳରେ ପ୍ରାୟ ୪୦% ମହିଳା ଅସୁରକ୍ଷିତ ଅନୁଭବ କରନ୍ତି। ଦେଶର ୩୧ଟି ସହରର ୧୨ ହଜାର ୭୭୦ ଜଣ ମହିଳାଙ୍କ ମତାମତ ଆଧାରରେ ଜାତୀୟ ବାର୍ଷିକ ରିପୋର୍ଟ ଏବଂ ମହିଳା ସୁରକ୍ଷା ସୂଚକାଙ୍କ, ନାରୀ-୨୦୨୫ରେ ଏହି ବିଷୟ




କୁହାଯାଇଛି।

ରିପୋର୍ଟ ଅନୁଯାୟୀ, ୨୦୨୪ ମସିହାରେ ୭% ମହିଳା କହିଛନ୍ତି ଯେ ସେମାନେ ନିର୍ଯାତନାର ସମ୍ମୁଖୀନ ହୋଇଥିଲେ ଓ ୧୮ରୁ ୨୪ ବର୍ଷ ବୟସର ମହିଳାମାନେ ସର୍ବାଧିକ ବିପଦରେ ଥିଲେ। ୨୦୨୨ର ସର୍ବଶେଷ ଜାତୀୟ ଅପରାଧ ରେକର୍ଡ଼ ବ୍ୟୁରୋ ତଥ୍ୟ ଅନୁଯାୟୀ ଏହା ମହିଳାମାନଙ୍କ ବିରୁଦ୍ଧରେ ଅପରାଧ ରିପୋର୍ଟ ହୋଇଥିବା ମାମଲାଗୁଡ଼ିକର ୧୦୦ ଗୁଣ। ମହିଳାମାନେ ସାମନା କରିଥିବା ଅସୁବିଧା ମଧ୍ୟରେ ରାସ୍ତାରେ ଚାହିଁ ରହିବା, ବିଲେଇ ଭଳି ଶବ୍ଦ କରିବା, ଅଶ୍ଳୀଳ ମନ୍ତବ୍ୟ ଦେବା ଏବଂ ସ୍ପର୍ଶ କରିବା ଅନ୍ତର୍ଭୁକ୍ତ। ପର୍ଯ୍ୟାପ୍ତ ଭିତ୍ତିଭୂମି, ଖରାପ ଆଲୋକ ଏବଂ ଦୁର୍ବଳ ସାର୍ବଜନୀନ ପରିବହନ ବ୍ୟବସ୍ଥା ଏଥିପାଇଁ ଦାୟୀ ବୋଲି କୁହାଯାଇଥିଲା। ଜାତୀୟ ମହିଳା କମିଶନ ଅଧ୍ୟକ୍ଷା ବିଜୟା କିଶୋର ରାହତକର, ପିଭାଲୁ ଆନାଲିଟିକ୍ସ ଦ୍ୱାରା ପ୍ରସ୍ତୁତ ଏବଂ ବୁଦ୍ଧିଜୀବୀ ଓ ଶିକ୍ଷାବିତ୍ ଗୋଷ୍ଠୀ ଦ୍ୱାରା ପ୍ରକାଶିତ ନାରୀ-୨୦୨୫ ରିପୋର୍ଟରେ କାହିଁକି କିଛି ଅପରାଧ ରିପୋର୍ଟ ହୁଏ ନାହିଁ, *(ପୃଷ୍ଠା ୭ରେ)*

# ଶପଥ ନେଲେ ୨ ନୂଆ ବିଚାରପତି



**ନୂଆଦିଲ୍ଲୀ, ୨୯।୮**

ସୁପ୍ରିମକୋର୍ଟରେ ଶୁକ୍ରବାର ଦୁଇଜଣ ବିଚାରପତି ଦାୟିତ୍ୱ ଗ୍ରହଣ କରିଛନ୍ତି। ମୁଖ୍ୟ ବିଚାରପତି ଭୂଷଣ ରାମକୃଷ୍ଣ ଗଭାଇ ଜଷ୍ଟିସ ଆଲୋକ ଆରାଧେ ଏବଂ ଜଷ୍ଟିସ ବିପୁଲ ମନୁଭାଇ ପାଞ୍ଚୋଲିଙ୍କୁ ଶପଥ ପାଠ କରାଇଛନ୍ତି। ଏପର୍ଯ୍ୟନ୍ତ ସୁପ୍ରିମକୋର୍ଟରେ ବିଚାରପତିଙ୍କ ପାଇଁ ଅନୁମୋଦିତ ୩୪ଟି ପଦବୀ ମଧ୍ୟରୁ ୨ଟି ଖାଲି ଥିଲା। ଏହି ନିଯୁକ୍ତି ପରେ ସମସ୍ତ ପଦବୀ *(ପୃଷ୍ଠା ୭ରେ)*

### ଆଇସିସି ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡିଶା ସମ୍ମିଳନୀ

# ସାଢେ ୪ କୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ହେଉଛି ଭିଜନ -୨୦୩୬

**ଭୁବନେଶ୍ୱର, ୨୯।୮**
**ନ୍ୟୁଜ୍ ବ୍ୟୁରୋ**

ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା 'ଓଡିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଉପରେ ଏକ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ଦେଶର ସର୍ବଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ଭିତରେ ଓଡିଶାକୁ ସ୍ଥାନ ଦେବା ଆମ ସରକାରଙ୍କ




ପ୍ରଥମ ଏବଂ ଏକମାତ୍ର ଲକ୍ଷ୍ୟ।

ନିଜ ବକ୍ତବ୍ୟରେ ମୁଖ୍ୟମନ୍ତ୍ରୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଧନ୍ୟବାଦ ଜଣାଇ କହିଥିଲେଯେ ଆଗାମୀ ମାସରେ ହେବାକୁ ଥିବା ଜିଏସ୍‌ଟି ସଂସ୍କାର, ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବିରାଟ *(ପୃଷ୍ଠା ୭ରେ)*

# ଆଜି ୨୦ ଜିଲ୍ଲାରେ ବର୍ଷା ହେବାର ସମ୍ଭାବନା

**ଭୁବନେଶ୍ୱର, ୨୯।୮**
**ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ଆସନ୍ତା ୩ ତାରିଖ ଯାଏଁ ହାଲୁକାରୁ ମଧ୍ୟମ ଧରଣର ବର୍ଷା ହେବାର ସମ୍ଭାବନା ରହିଛି। ଶନିବାର ପାଇଁ ୨୦ ଜିଲ୍ଲାକୁ ପାଣିପାଗ ବିଭାଗ ପକ୍ଷରୁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସୁନ୍ଦରଗଡ, ଝାରସୁଗୁଡା, ବରଗଡ, ସମ୍ବଲପୁର, ଦେବଗଡ, ଅନୁଗୁଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ, ଗଞ୍ଜାମ ଓ ଗଜପତିକୁ ବର୍ଷା ପାଇଁ ୟେଲୋ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି।

## ଆଜିର ମୁଖ୍ୟ ଖବର

- ୧ ସେପ୍ଟେମ୍ବରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ ।
- ଏକ ବର୍ଷରେ ୧୦୦୦ଟି ଇଲେକ୍ଟ୍ରିକ୍ ବସ୍ ସଡକକୁ ଆଣିବାକୁ ରାଜ୍ୟର ଲକ୍ଷ୍ୟ ।
- ରାଜ୍ୟରେ ସାଇବର କମାଣ୍ଡ ସେଣ୍ଟର ପାଇଁ ଡିପିଆର ପ୍ରସ୍ତୁତି ।
- ସମ୍ବଲପୁରରେ ଭିନ୍ନକ୍ଷମଙ୍କ ପାଇଁ ୨୩ କୋଟିର ପୁନର୍ବାସ କେନ୍ଦ୍ରର ଉଦ୍‌ଘାଟନ ।
- ଓଡିଶାରେ ୮୦,୦୦୦କୋଟି ଟଙ୍କାରୁ ଅଧିକ ରେଳ ପ୍ରକଳ୍ପ ଚାଲୁ ।
- ସିନ୍ଦୂର ଅଭିଯାନକୁ ମାନବତାର ବିଜୟର ସୁବର୍ଣ୍ଣ ଅଧ୍ୟାୟଭାବେ ବର୍ଣ୍ଣନା କଲେ ରାଷ୍ଟ୍ରପତି ।
- ସରକାରଙ୍କ ପ୍ରତିଶ୍ରୁତି ପରେ ରାଜସ୍ୱ କର୍ମଚାରୀମାନଙ୍କ ଆନ୍ଦୋଳନ ହଟିଲା।
- ୩ ସେପ୍ଟେମ୍ବରରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ, ୧୫ ସେପ୍ଟେମ୍ବରରୁ ଧାଡ଼ି ଦର୍ଶନ ।
- ସୁନ୍ଦରଗଡରେ ସଂସ୍କୃତ ଶିକ୍ଷକଙ୍କ ବିରୋଧରେ ଛାତ୍ରୀମାନଙ୍କ ସହ ଅଶାଳୀନ ବ୍ୟବହାର ଅଭିଯୋଗ ।
- କୋରାପୁଟରେ ପାଣିରେ ଭାସିଯାଉଥିବା ୩ଜଣ ବାଇକଆରୋହୀଙ୍କୁ ଉଦ୍ଧାର କଲେ ଗାଁ ଲୋକେ ।

# ଦେଶର ଜିଡିପିରେ ଉଲ୍ଲେଖନୀୟ ଅଭିବୃଦ୍ଧି




**ନୂଆଦିଲ୍ଲୀ, ୨୯।୮**

ଚଳିତ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରରେ ଜିଡିପି ୬.୫% ରହିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଏହା ଠାରୁ ଅଧିକ ବେଗରେ ଅଭିବୃଦ୍ଧି ସମସ୍ତଙ୍କୁ ଉତ୍ସାହିତ କରିଛି। ଏହି ସଂଖ୍ୟା ଗତବର୍ଷର ପ୍ରଥମ କ୍ୱାର୍ଟର ଅଭିବୃଦ୍ଧି ତୁଳନାରେ ୧.୩% ଅଧିକ।

ଆମେରିକାର ଟାରିଫ ଝଟକା ମଧ୍ୟରେ ଦେଶର ଅର୍ଥନୀତି ପାଇଁ ଗୋଟିଏ ଭଲ ଖବର ଆସିଛି। ଆଶା ଠାରୁ ଦେଶର ଅର୍ଥନୈତିକ ଅଭିବୃଦ୍ଧି ଅଧିକ ହୋଇଛି। ଚଳିତ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରେ ଦେଶର ଜିଡିପି ୭.୮% ହାରରେ ଆଗକୁ ବଢ଼ିଛି। ଏହାର ଅର୍ଥ ଦେଶର ଅଭିବୃଦ୍ଧି ୭.୮% ହାରରେ ଆଗକୁ ଦୌଡୁଛି।

ବାସ୍ତବରେ ଚଳିତ ଆର୍ଥିକ ବର୍ଷର ପ୍ରଥମ କ୍ୱାର୍ଟରରେ ଜିଡିପି ୬.୫% ରହିବ ବୋଲି ଆକଳନ କରାଯାଇଥିଲା। କିନ୍ତୁ ଏହା ଠାରୁ ଅଧିକ ବେଗରେ ଅଭିବୃଦ୍ଧି ସମସ୍ତଙ୍କୁ ଉତ୍ସାହିତ କରିଛି। ଏହି ସଂଖ୍ୟା ଗତବର୍ଷର ପ୍ରଥମ କ୍ୱାର୍ଟର ଅଭିବୃଦ୍ଧି ତୁଳନାରେ ୧.୩% ଅଧିକ।

ଶେଷ ଆର୍ଥିକ ବର୍ଷର ଏପ୍ରିଲ-ଜୁନ କ୍ୱାର୍ଟରରେ ଭାରତ ଜିଡିପି ଅଭିବୃଦ୍ଧି ୬.୫% ହାରରେ ହୋଇଥିଲା। ୨୦୨୫-୨୦୨୬ ଆର୍ଥିକ ବର୍ଷର ଏପ୍ରିଲ-ଜୁନ କ୍ୱାର୍ଟରରେ ଅଭିବୃଦ୍ଧି ଗତ କ୍ୱାର୍ଟର ତୁଳନାରେ ସବୁଠାରୁ ଦ୍ରୁତ ଓ ଅଧିକ। ଶେଷଥର ପାଇଁ ୨୦୨୪ର ଜାନୁଆରୀରୁ ମାର୍ଚ୍ଚ କ୍ୱାର୍ଟରରେ ଦେଶର ଜିଡିପି ଅଭିବୃଦ୍ଧି ସର୍ବାଧିକ *(ପୃଷ୍ଠା ୭ରେ)*

# ଭାରତରେ ତିଆରି ହେଲା ବିଶ୍ୱର ପ୍ରଥମ ୨୪ ରାଉଣ୍ଡ ପିସ୍ତଲ୍

**କାନପୁର, ୨୯।୮**

କାନପୁର ସହର ଅସ୍ତ୍ରଶସ୍ତ୍ର ନିର୍ମାଣ କ୍ଷେତ୍ରରେ ଏକ ପ୍ରମୁଖ ସଫଳତା ହାସଲ କରିଛି। ଏଠାରେ ପ୍ରଥମ ଘରୋଇ କ୍ଷେତ୍ରର ପିସ୍ତଲ 'ମ୍ୟାକ୍ସ' ଲଞ୍ଚ କରାଯାଇଛି। ଏହି ସ୍ୱତନ୍ତ୍ର ପିସ୍ତଲର ମାଗାଜିନରେ ଏକ ସମୟରେ ୨୪ଟି ଗୁଳି ରହିପାରିବ। ଏପର୍ଯ୍ୟନ୍ତ ସମଗ୍ର ବିଶ୍ୱରେ କିମ୍ବା ଦେଶରେ ଏପରି କ୍ଷମତା ଥିବା କୌଣସି ପିସ୍ତଲ ନଥିଲା। ଏହାକୁ କାନପୁର ସ୍ଥିତ କମ୍ପାନୀ କ୍ୟାମ୍ ଷ୍ଟାର ଡିଫେନ୍ସ ପ୍ରସ୍ତୁତ କରିଛି।

କମ୍ପାନୀ ଦାବି କରିଛି ଯେ ଏହି ପିସ୍ତଲଟି ବିଶ୍ୱର ପ୍ରଥମ ଏପରି .୩୨ ବୋର ସେମି



ଅଟୋମେଟିକ୍ ପିସ୍ତଲ ଯେଉଁଥିରେ ଏକକାଳୀନ ୨୪ଟି ଗୁଳି ଲୋଡ୍ କରାଯାଇପାରିବ। ଏହି ପିସ୍ତଲକୁ ଏକ ସ୍ୱତନ୍ତ୍ର ଡିଜାଇନ୍ ସହିତ ମ୍ୟାକ୍ସ ମଡେଲ୍ ନାମ ଦିଆଯାଇଛି। ଏହାର ମୂଲ୍ୟ ୧ ଲକ୍ଷ ୯୫ ହଜାର ଟଙ୍କା ରଖାଯାଇଛି । *(ପୃଷ୍ଠା ୭ରେ)*

31 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୩୦ ଅଗଷ୍ଟ ୨୦୨୫ ଶନିବାର





# ପୁରୀରେ ପଥୋତ୍ସବ ଅନୁଷ୍ଠିତ:ବିବିଧ କାର୍ଯ୍ୟକ୍ରମକୁ ଉପଭୋଗ କଲେ ହଜାର ହଜାର ଦର୍ଶକ



**ପୁରୀ, ନ୍ୟୁଜ୍ ବ୍ୟୁରୋ**

ପୁରୀ ପୌରପାଳିକା ଆସନ୍ତା ୩୧ ତାରିଖରେ ପାଳନ କରିବାକୁଯାଉଛି ସ୍ୱାୟତ ଶାସନ ଦିବସ। ଏହାର ଅବ୍ୟବହିତ ପୂର୍ବରୁ ଆରମ୍ଭ ହୋଇଛି ସପ୍ତାହ ବ୍ୟାପି ବିବିଧ କାର୍ଯ୍ୟକ୍ରମ। ତାହାର ଅଂଶ ସ୍ୱରୂପ ପ୍ରତ୍ୟୁଷରୁ ସୁଭାଷ ବୋଷ ଛକ ଠାରୁ ହରିହର ଛକ ପର୍ଯ୍ୟନ୍ତ ଆରମ୍ଭ ହୋଇଥିଲା ରାହାଗିରି ବା ପଥୋତ୍ସବ। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଯୋଗଦେଇ କଳାକାର ମାନଙ୍କୁ ଉତ୍ସାହିତ କରିବା ସହ ପ୍ରତିଭା ପ୍ରଦର୍ଶନ ଓ ନିଜର ପରିଚୟ ସୃଷ୍ଟି ପାଇଁ ପଥୋତ୍ସବ ଏକ ଉନ୍ନତ ମାଧ୍ୟମ ବୋଲି କହିଥିଲେ। ବିବିଧ କାର୍ଯ୍ୟକ୍ରମ ପରିବେଷଣ କରୁଥିବା କଳାକାର ଓ ଦଳମାନେ ନିଜର ଦକ୍ଷତା ଓ ନିଷ୍ଠା ବଳରେ ଜିଲ୍ଲା ପାଇଁ ସମ୍ବଳ ହୋଇ ବାହାରିବେ ବୋଲି ଜିଲ୍ଲାପାଳ ଆଶା ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନୀଳମାଧବ ଭୋଇ, ଉପଜିଲ୍ଲାପାଳ ରାଜକିଶୋର ଜେନା, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, ପୌରପାଳିକା ସହକାରୀ ଯନ୍ତ୍ରୀ ଦେବବ୍ରତ ଷଡ଼ଙ୍ଗୀ, ଅତିରିକ୍ତ ପୌରନିର୍ବାହୀ ଅଧିକାରୀ ଅରଜିତ ନାୟକ, ଏନ୍‌ଫୋର୍ସମେଣ୍ଟ ଅଧିକାରୀ ସ୍ୱାଧୀନ ବିଶ୍ୱାଳ, ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀମାନେ ଯୋଗଦେଇ ସହଯୋଗ କରିଥିଲେ। ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା ସମସ୍ତ କାର୍ଯ୍ୟକୁ ତତ୍ତ୍ୱାବଧାନ ସହ ପରିଚାଳନା କରିଥିଲେ। ନୃତ୍ୟ, ସଂଗୀତ, ଯୋଗ, ସାଇକେଲିଂ, ସଡ଼କ ସୁରକ୍ଷା, ବୃକ୍ଷ ରୋପଣ ଇତ୍ୟାଦି ସଚେତନତା ସୃଷ୍ଟି, ପେଣ୍ଟିଂ, ରଙ୍ଗୋଲୀ, ବିଜ୍ଞାନ ଭିତ୍ତିକ ପ୍ରକଳ୍ପ ପ୍ରଦର୍ଶନ, ବିଭିନ୍ନ ଖାଦ୍ୟ ପ୍ରସ୍ତୁତି ଇତ୍ୟାଦି ପ୍ରଦର୍ଶନ କରାଯାଇଥିଲା। ସେହିପରି ସରକାରଙ୍କ ବିଭିନ୍ନ ଜନ କଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କରେ ଲୋକମାନଙ୍କୁ ସଚେତନ କରାଯିବା ପାଇଁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ବ୍ୟବସ୍ଥା କରାଯାଇଥିଲା। ସାଂସ୍କୃତିକ ମଞ୍ଚରେ ଓଲିଉଡ ଗାୟିକା ସୁଜ୍ଞାନୀ ମହାପାତ୍ର, ଗାୟକ ମୃଣ୍ମୟ ଚିତ୍ତାକର୍ଷକ ସଙ୍ଗୀତ ପରିବେଷଣ କରିଥିବାବେଳେ ଶିବାନା ଓ ଗେଡାନା ଭାବରେ ପରିଚିତ ଧାରାବାହିକ ଅଭିନେତା ଆକର୍ଷଣୀୟ ଅଭିନୟ ପ୍ରଦର୍ଶନ କରିଥିଲେ ଓ ଉପସ୍ଥାପିକା ତଥା ଅଭିନେତ୍ରୀ ଅଙ୍କିତା ମହାନ୍ତି, ପୀୟୁଷ ଏବଂ ଶ୍ୟାମପ୍ରକାଶ ସେନାପତି ମଞ୍ଚ ସଞ୍ଚାଳନ କରିଥିଲେ ।

# ୩ ଚୋର ଗିରଫ:୯ ଚୋରା ବାଇକ୍ ଜବତ



**ବାରିପଦା, ନ୍ୟୁଜ୍ ବ୍ୟୁରୋ**

ବୈଶିଙ୍ଗା ଥାନା ପୋଲିସ ୩ ଜଣ ଗାଡି ଚୋରକୁ ଧରିବାରେ ସଫଳ ହୋଇଛି। ଏଥିସହିତ ୯ ଗୋଟି ଚୋରି ଗାଡି ମଧ୍ୟ ଜବତ କରାଯାଇଛି। ଏନେଇ ଗୁରୁବାର ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଦୀପକ କୁମାର ଗୋଛାୟତ ବେତନଟି ଏସ୍‌ଡିପିଓ ମିନତୀ ବିଶ୍ୱାଳ, ବୈଶିଙ୍ଗା ଆଇଆଇସି ବାରିଣୀ ଦାସ ସବିଶେଷ ସୂଚନା ଦେଇଛନ୍ତି। ଗିରଫ ଚୋର ତିନି ଜଣ ବୈଶିଙ୍ଗା ଥାନା ଅନ୍ତର୍ଗତ ପଣସିଆ ଗ୍ରାମର କୃଷ୍ଣ ସିଂ (୨୬), ଅଶୋକ ସିଂ (୩୨) ଓ ବଡ଼ସାହି ଥାନା ଅନ୍ତର୍ଗତ ଭୀମଦା ଗ୍ରାମର ଶିବ ଶଙ୍କର ଗିରି (୩୨) ବୋଲି ଜଣାଯାଇଛି। ସୂଚନା ମୁତାବକ ଗତ ତା ୧୯.୦୫.୨୦୨୫ ରିଖ ରାତିପ୍ରାୟ ୯ଟା ବେଳେ ଅଭିଯୋଗକାରୀ ସନ୍ତୋଷ ବେହେରା ପଣସିଆ ଗ୍ରାମର ଶିବ ସିଂ ଘରକୁ ନିଜ ବାଇକ୍‌ରେ ଆସି ଘର ସାମ୍ନାରେ ବାଇକ୍ ରଖି ଘର ଭିତରକୁ ଯାଇଥିବାବେଳେ, ଅଧଘଣ୍ଟା ପରେ ଗାଡି ଚୋରି ହୋଇଥିବାର ଜାଣି ବୈଶିଙ୍ଗା ଥାନାରେ ଏତଲା ଦେଇଥିଲେ। ବିଶ୍ୱସ୍ତ ସୂତ୍ରରୁ ଆସାମୀ ଅଶୋକ ସିଂ ଗାଡି ଚୋରି କରିଥିବା ଜଣାପଡିବା ପରେ ମୟୁରଭଞ୍ଜ ଏସ୍‌ପି ବରୁଣ ଗୁଣ୍ଟୁପାଲିଙ୍କ ନିର୍ଦ୍ଦେଶ କ୍ରମେ ବେତନଟି ଏସ୍‌ଡ଼ିପିଓ ମିନତୀ ବିଶ୍ୱାଳଙ୍କ ତତ୍ତ୍ୱାବଧାନରେ ଏବଂ ବୈଶିଙ୍ଗା ଆଇଆଇସି ବାରିଣୀ ଦାସଙ୍କ ନେତୃତ୍ୱରେ ଏକ ଟିମ୍ ଗଠନ କରାଯାଇ ପୋଲିସ ପ୍ରଥମେ ତାକୁ ଗିରଫ କରି ପଚରା ଉଚରା କରିବା ପରେ ଅନ୍ୟ ଦୁଇ ଆସାମୀ କୃଷ୍ଣ ସିଂ ଏବଂ ଶିବ ଶଙ୍କର ଗିରିଙ୍କ ସମ୍ପୃକ୍ତି ଥିବା ଜାଣି ସେମାନଙ୍କ ଉପରେ ଚଢ଼ଉ କରି ଗିରଫ କରିବା ସହିତ ସେମାନଙ୍କ ଠାରୁ ୯ଟି ଚୋରି ବାଇକ୍, ୩ଟି ଗାଡି ବ୍ୟାଟେରୀ ଏବଂ ୧୦ଟି ମୋବାଇଲ୍ ଫୋନ୍ ଜବଦ କରିଛି । ସମସ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ବେଳେ ଘଟଣାର ଅଧିକ ତଦନ୍ତ ଚାଲିଥିବାର ସାମ୍ବାଦିକ ସମ୍ମିଳନୀରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଶ୍ରୀ ଗୋଛାୟତ କହିଛନ୍ତି ।


## ରାଉରକେଲା ମହାନଗର ନିଗମ
## ରାଉରକେଲା

**ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ହାର୍ଦ୍ଦିକ ଶୁଭେଚ୍ଛା**

**ସ୍ୱଚ୍ଛ, ସୁସ୍ଥ ଓ ପ୍ଲାଷ୍ଟିକ ମୁକ୍ତ ରାଉରକେଲା ପାଇଁ ଆପଣଙ୍କ ସହଯୋଗ ଏକାନ୍ତ କାମ୍ୟ**

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଅବସରରେ ସମସ୍ତ ରାଉରକେଲା ବାସିଙ୍କୁ ରାଉରକେଲା ମହାନଗର ନିଗମ ତରଫରୁ ଶୁଭେଚ୍ଛା ଏବଂ ଅଭିନନ୍ଦନ। ଏତତ ବ୍ୟତୀତ ଆପଣମାନଙ୍କୁ ଆମ୍ଭେମାନେ ହାର୍ଦ୍ଦିକ ଧନ୍ୟବାଦ ଜ୍ଞାପନ କରୁଛୁ କାରଣ କେବଳ ଆପଣମାନଙ୍କ ପ୍ରଚେଷ୍ଟା ଏବଂ ସହଯୋଗ ଯୋଗୁଁ ଆମ୍ଭେମାନେ ସ୍ୱଚ୍ଛ ସର୍ବେକ୍ଷଣ-୨୦୨୪ରେ ରାଉରକେଲା ସହରକୁ ଜାତୀୟ ସ୍ତରରେ ୧୧୯ ତମ ସ୍ଥାନରୁ ୧୫ତମ ସ୍ଥାନରେ ସ୍ଥାନିତ କରିବାରେ ସକ୍ଷମ ହୋଇପାରିଛୁ ।

ଆସନ୍ତୁ ଏହି ଧାରାକୁ ବଜାୟ ରଖିବା ପାଇଁ ସଂକଳ୍ପ ନେବା। ଏଥି ନିମନ୍ତେ ଆପଣମାନଙ୍କର ସହଯୋଗ ଏକାନ୍ତ କାମ୍ୟ। ଏଣୁ ଘରୋଇ ଓଦା ଓ ଶୁଖିଲା ଆବର୍ଜନାକୁ ପୃଥକ ପୃଥକ କରି ରାଉରକେଲା ମହାନଗର ନିଗମ ଦ୍ୱାରା ପରିଚାଳିତ ଆବର୍ଜନା ଯାନରେ ଦିଅନ୍ତୁ। ସମସ୍ତ କର ଧାର୍ଯ୍ୟ ସମୟରେ ପଇଠ କରନ୍ତୁ। ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାରକୁ ସମ୍ପୂର୍ଣ୍ଣ ରୂପେ ବର୍ଜନ କରନ୍ତୁ। ହୋଲଡିଂ ଟିକସକୁ ଧାର୍ଯ୍ୟ ସମୟ ସୀମା ମଧ୍ୟରେ ପଇଠ କରନ୍ତୁ। ମହାନଗର ନିଗମ ସମ୍ପର୍କିତ ଯେକୌଣସି ଅଭିଯୋଗ ପାଇଁ ନିଗମର ଟୋଲ ଫ୍ରି ନଂ ୧୮୦୦-୩୪୫-୭୪୬୮ (1800-345-7468)ରେ ଯୋଗାଯୋଗ କରନ୍ତୁ ।

ରାଉରକେଲା ମହାନଗର ନିଗମ ଅଞ୍ଚଳରେ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟରେ ସହଭାଗୀ ହୁଅନ୍ତୁ ଏବଂ ସରକାରୀ ସମ୍ପତ୍ତିର ରକ୍ଷଣା ବେକ୍ଷଣ କରନ୍ତୁ।

ଆସନ୍ତୁ ଆମ ପ୍ରିୟ ରାଉରକେଲା ସହରକୁ ଏକତ୍ରିତ ହୋଇ ସ୍ୱଚ୍ଛ, ସବୁଜ, ସୁନ୍ଦର ତଥା ପ୍ଲାଷ୍ଟିକ୍ ମୁକ୍ତ ସହର କରିବାକୁ ପ୍ରତିଶୃତିବଦ୍ଧ ହେବା।

ଆୟୁକ୍ତ
ରାଉରକେଲା ମହାନଗର ନିଗମ



## ବଳାଙ୍ଗିର ପୌରସଂସ୍ଥା, ବଳାଙ୍ଗିର

ପଶ୍ଚିମ ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ "ନୂଆଁଖାଇ-୨୦୨୫" ଓ ନିଖିଳ ଭାରତ ସ୍ୱାୟତ୍ତ ଦିବସ ୨୦୨୫ ଉପଲକ୍ଷେ ବଲାଙ୍ଗିର ପୌରପରିଷଦ ର ସମସ୍ତ ଜନସାଧାରଣ ଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଅଛୁଁ । ଏହି ଅବସରରେ ପୌର ପରିଷଦ ସମସ୍ତଙ୍କର ସୁଖ, ସମୃଦ୍ଧି ଓ ଶାନ୍ତି କମନା କରୁଛି । ଏ ମାଟିର ଅଧିଷ୍ଠାତ୍ରୀ ଇଷ୍ଟଦେବୀ ମାଁ ସମଲେଶ୍ୱରୀ ଏବଂ ମାଁ ପାଟଣେଶ୍ୱରୀ ସମସ୍ତଙ୍କର ମଙ୍ଗଳ କରନ୍ତୁ, ଏହାହିଁ ଆମର ପ୍ରର୍ଥନା ।




- ବାର୍ତ୍ତା -

ପୌର ପରିଷଦ, ବଲାଙ୍ଗିର ରେ ବସବାସ କରୁଥିବା ସମସ୍ତ ଜନ ସାଧାରଣଙ୍କୁ ମୌଳିକ ସେବା ଯୋଗାଇ ଦେବାପାଇଁ ଆମ୍ଭେମାନେ ବଦ୍ଧପରିକର ।

Executive Officer
Balangir Municipality



## ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି

ପବିତ୍ର 'ସ୍ୱାୟତ୍ତ ଶାସନ ଦିବସ'- ୨୦୨୫ (Dt. ୩୧.୦୮.୨୦୨୫) ଉପଲକ୍ଷେ କଣ୍ଟାବାଞ୍ଜି ସହରବାସୀଙ୍କୁ ସାଦର ଅଭିନନ୍ଦନ ଓ ଶୁଭେଚ୍ଛା।

**ନିବେଦନ**

୧) ପରିଷଦର ସମସ୍ତ ଦେୟ ଯଥା:- ଘର ଟିକସ, ଟ୍ରେଡ୍ ଲାଇସେନ୍ସ ଫି ଏବଂ ଦୋକାନ ଭଡ଼ା ଇତ୍ୟାଦି ଠିକ୍ ସମୟରେ ପଇଠ କରନ୍ତୁ ।

୨) ଘରର ଅଳିଆ ଆବର୍ଜନା ରାସ୍ତାରେ ନପକାଇ ପ୍ରତ୍ୟେକ ଘର ଓ ବ୍ୟବସାୟ ପ୍ରତିଷ୍ଠାନରେ ୨ଟି ଲେଖାଏଁ ଡଷ୍ଟବିନ ରଖନ୍ତୁ ଓ ପୌର ପରିଷଦ ତରଫରୁ ଯାଉଥିବା ଗାଡ଼ିରେ ଓଦା ଓ ଶୁଖିଲା ଆବର୍ଜନାକୁ ଅଲଗା ଅଲଗା ଜମା ଦିଅନ୍ତୁ ଏବଂ ପରିଷଦର USER FEES ଠିକ୍ ସମୟରେ ପଇଠ କରନ୍ତୁ।

'କଣ୍ଟାବାଞ୍ଜି ସହର ଆପଣମାନଙ୍କର
ଏହାର ସୁରକ୍ଷା ଦାୟୀତ୍ୱ ଆମ ସମସ୍ତଙ୍କର'

| ଶ୍ରୀମତୀ ମନୋରମା ରାଉତ | ଶ୍ରୀଯୁକ୍ତ ବରିୟାମ ସିଂ ସାଲୁଜା | ଶ୍ରୀଯୁକ୍ତ ବିଶ୍ୱନାଥ ଖାଲଖୋ |
|---|---|---|
| ଉପାଧକ୍ଷା | ଅଧକ୍ଷ | କାର୍ଯ୍ୟନିର୍ବାହୀ ଅଧିକାରୀ |

ଓ ସମସ୍ତ କାଉନସିଲର ବୃନ୍ଦ,
ବିଜ୍ଞାପିତ ଅଞ୍ଚଳ ପରିଷଦ, କଣ୍ଟାବାଞ୍ଜି।








## ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା, ଜିଲ୍ଲା ନୂଆପଡ଼ା

ସ୍ୱାୟତ୍ତ ଶାସନ ଦିବସ-୨୦୨୫ ଉପଲକ୍ଷେ ସମସ୍ତ ସହରବାସୀଙ୍କୁ ନିବେଦନ କରୁଛୁ କି,

୧. ଗୃହର ବର୍ଜ୍ୟ ବସ୍ତୁ ଗୁଡ଼ିକୁ ରାସ୍ତା ଉପରେ ବା ନାଳୀରେ ନପକାଇ ପରିଷଦର ଗାଡ଼ିରେ ଥିବା ଓଦା ବର୍ଜ୍ୟବସ୍ତୁ ଓ ସୁଖା ବର୍ଜ୍ୟବସ୍ତୁ ଅଲଗା ଅଲଗା କୁଣ୍ଡରେ ପକାନ୍ତୁ କିମ୍ବା ଆବର୍ଜନା କୁଣ୍ଡରେ ପକାନ୍ତୁ।
୨. ସହରକୁ ପରିଷ୍କାର ପରିଚ୍ଛନ୍ନ ରଖନ୍ତୁ ଓ ପରିବେଶ ମୁକ୍ତ କରିବା ପାଇଁ ବୃକ୍ଷ ରୋପଣ କରନ୍ତୁ।
୩. ରାସ୍ତା ଉପରେ ଘର ନିର୍ମାଣ ସାମଗ୍ରୀ ତଥା- ବାଲି, ମାଟି, ଇଟା ଓ ଗୋଡ଼ି ଆଦି ପକାନ୍ତୁ ନାହିଁ।
୪. ପରିଷଦର ଟିକସ ସଠିକ୍ ସମୟରେ ପଇଠ କରି ସହରର ସର୍ବାଙ୍ଗୀନ ଉନ୍ନତିରେ ସହଯୋଗର ହାତ ବଢ଼ାନ୍ତୁ।
୫. ପରିଷଦର ବିନା ଅନୁମତିରେ ନୂତନ ଗୃହ ନିର୍ମାଣ ତଥା ପୁରାତନ ଗୃହର ନବୀକରଣ କରନ୍ତୁ ନାହିଁ।
୬. ନିଜର ଗୃହ ପାଳିତ ପଶୁ ମାନଙ୍କୁ ରାସ୍ତା ଉପରକୁ ଛାଡ଼ନ୍ତୁ ନାହିଁ।
୭. ସହରକୁ ଏକଦା ଏକକ ପ୍ଲାଷ୍ଟିକ ମୁକ୍ତ କରିବା ସହିତ ନିଶାମୁକ୍ତ ଭାରତ ଅଭିଯାନକୁ ସଫଳ କରନ୍ତୁ ।

ଆସନ୍ତୁ ମିଳିମିଶି ସଂକଳ୍ପ ନେବା ଆମ ସହରକୁ ସ୍ୱଚ୍ଛ ଓ ସୁନ୍ଦର କରିବା।

| ଶ୍ରୀଯୁକ୍ତ ଶ୍ରୀନିବାସ ମିର୍ଦ୍ଧା (ଓ.ରା.ସେ) | ମହମ୍ମଦ ଆଦମ |
|---|---|
| କାର୍ଯ୍ୟନିର୍ବାହୀ ଅଧିକାରୀ | ଅଧକ୍ଷ |
| ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା | ବିଜ୍ଞାପିତ ଅଞ୍ଚଳ ପରିଷଦ, ନୂଆପଡ଼ା |


# ସମୁଦ୍ରରେ ଓଲଟିଲା ଡଙ୍ଗା:ଜଣେ ମତ୍ସ୍ୟଜୀବୀ ନିଖୋଜ, ବର୍ତ୍ତିଲେ ୬ ଜଣ

**ଗଞ୍ଜାମ, ନ୍ୟୁଜ୍ ବ୍ୟୁରୋ**

ଗୁରୁବାର ଭୋର୍ ସମୟରେ ଗଞ୍ଜାମ ପୋଡ଼ମପେଟା ସମୁଦ୍ର ନିକଟରେ ଓଲଟିଲା ଡଙ୍ଗା । ଡଙ୍ଗା ଓଲଟିବା ପରେ ଅଳ୍ପକେ ବର୍ତିଲେ ୬ ଜଣ ମତ୍ସ୍ୟଜୀବୀ ଓ ଜଣେ ନିଖୋଜ । ନିଖୋଜ ବ୍ୟକ୍ତି ଜଣକ ହେଲେ ଛତ୍ରପୁର ବ୍ଲକ ନୋଳିଆ ନୁଆଁ ଗାଁର ଏଙ୍ଗ. କାଲେୟା । ଏବେବି ଖୋଜାଖୋଜି ଜାରି ରହିଛି । କୋଷ୍ଟଗାର୍ଡ, ଅଗ୍ନିଶମ ବିଭାଗ ଓ ମତ୍ସ୍ୟଜୀବୀମାନେ ଖୋଜାଖୋଜି କରିଥିଲେ ବି ମିଳିପାରିନାହିଁ ସନ୍ଧାନ । ନିଜେ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ନିଜେ ମଧ୍ୟ ଉପସ୍ଥିତ ରହିଛନ୍ତି । ଘଟଣା ସମ୍ପର୍କରେ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଓ




ଜିଲ୍ଲା ପ୍ରଶାସନ ମଧ୍ୟ ଅବଗତ କରାଇଛନ୍ତି । ଦୈନିକ ଭଳି ଆଜି ବି ନୋଳିଆ ନୁଆଁ ଗାଁର ଡଙ୍ଗା ଦ୍ୱାରା ୭ ଜଣ ମାଛ ଧରିବା ପାଇଁ ସମୁଦ୍ରକୁ ଯାଇଥିଲେ । ଉଚ୍ଚ ଜୁଆର ମାଡ଼ରେ ପୋଟମପେଟା ନିକଟରେ ଡଙ୍ଗା ଓଲଟି ପଡ଼ିଥିଲା । ପି. ଏଲେୟା, ଏମ୍. ବାବାଜୀ, ପି. କାଲେୟା, ପି. ରଘୁନାଥ, ଏମ୍. ମୋହନ ଓ ପି. ରାମେୟା ଏହି ୬ ଜଣ ବର୍ତ୍ତି ଯାଇଥିଲେ । ଜିଲ୍ଲାପାଳ ତୁରନ୍ତ ଘଟଣା ସମ୍ପର୍କରେ ଅବଗତ କରାଇବା ସହ ଆକାଶ ମାର୍ଗ ସନ୍ଧାନ ପାଇଁ ଚିଠି ଲେଖିଛନ୍ତି । ଖବରପାଇ ଗଞ୍ଜାମ ତହସିଲଦାର ସୁକାନ୍ତ ଚନ୍ଦ୍ର ମିଶ୍ର, ଥାନା ଆଇଆଇସି ସୁମିତ୍ରା ପାତ୍ର ପ୍ରମୁଖ ଘଟଣାସ୍ଥଳରେ ଅନୁଧ୍ୟାନ କରୁଛନ୍ତି।

# ନିର୍ଦ୍ଦୋଷ ପୁଅକୁ ଛାଡ଼ିବାପାଇଁ ଜିଲ୍ଲାପାଳ ଓ ଏସ୍‌ପିଙ୍କ ଦ୍ୱାରସ୍ଥହେଲେ ମା'

**କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ**

କେନ୍ଦ୍ରାପଡା ଜିଲ୍ଲା ତନ୍ତିଆପାଳ ମେରାଇନ ଥାନା ଅନ୍ତର୍ଗତ ହରିଅଣ୍ଟା ଗ୍ରାମର କମଳା ମଳିକ ଓ ଭିନ୍ନକ୍ଷମ ଉଚ୍ଛବ ମଳିକଙ୍କ ପୁଅ ସଚ୍ଚିକାନ୍ତ ମଳିକଙ୍କୁ ସ୍ଥାନୀୟ ଅଞ୍ଚଳର କେତେକ ବ୍ୟକ୍ତି ମାଡମାରି ଆହତ କରିଥିଲେ। ପୋଲିସ ଅଭିଯୁକ୍ତ ମାନଙ୍କୁ ଗିରଫ ନକରି ମାଡ ଖାଇଥିବା ସଚ୍ଚିକାନ୍ତଙ୍କୁ ଗିରଫ କରି ଥାନାକୁ ଆଣିବା ସମୟରେ ସଚ୍ଚିକାନ୍ତ ଥାନାରେ ରକ୍ତବାନ୍ତି କରିବାରୁ ଥାନା ଅଧିକାରୀ ତାଙ୍କୁ କେନ୍ଦ୍ରାପଡା ମୁଖ୍ୟ ଚିକିତ୍ସାଳକୁ ଆଣିଥିଲେ। ସେଠାରେ ତାଙ୍କ ଅବସ୍ଥା ଉଦ୍‌ବେଗଜନକ ହେବାରୁ ତାଙ୍କୁ କଟକ ବଡ ମେଡିକାଲକୁ ନେବା ପରିବର୍ତ୍ତେ ତାଙ୍କ ଘରେ ଛାଡି ଦେଇଥିଲେ । ପରିବାର ଲୋକ ତାଙ୍କର ଚିକିତ୍ସା କରାଇ ଘରକୁ ଆସିବା ପରେ ତଙ୍କୁ ପୁନର୍ବାର ଗିରଫ କରି କୋର୍ଟ ଚାଲାଣ କରିଥିବା ପରିବାର ପକ୍ଷରୁ ଆରକ୍ଷୀ ଅଧିକ୍ଷକ ଶ୍ରୀ କଟାରିଆ ଓ ଜିଲ୍ଲାପାଳ ରଘୁରାମ ଆର ଆୟାରଙ୍କୁ ଭେଟି ତାଙ୍କ ପୁଅକୁ ଛାଡିବାକୁ ଦାବି କରିବା ସହିତ ମାଡ ମାରିଥିବା ଅଭିଯୁକ୍ତ ମାନଙ୍କୁ ଗିରଫ କରିବାକୁ ଦାବି କରିଛନ୍ତି ।

## ଆଜିର ଭଲମନ୍ଦ



ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆଶ ପାଞ୍ଜି ଗଣନାକାର)
ମୋବାଇଲ୍-୯୩୩୭୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର




**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୦।୮।୨୦୨୫, ଭାଦ୍ରବ ଦି୧୪ନ, ଶନିବାର**

**ସୂର୍ଯ୍ୟୋଦୟ- ଘ୫।୩୦।୪୫ ଚନ୍ଦ୍ରୋଦୟ- ଦିଘ ୧୧।୧୮।୧୧**

**ସପ୍ତମୀ-** ରାଘ ୧୦।୪୭ ପର୍ଯ୍ୟନ୍ତ। **ବିଶାଖା ନକ୍ଷତ୍ର-** ଦିଘ ୨।୩୭ ପର୍ଯ୍ୟନ୍ତ । **ତୁଳା ଚନ୍ଦ୍ର-** ଦିଘ ୭।୫୨ ପର୍ଯ୍ୟନ୍ତ। **ଚନ୍ଦ୍ରଶୁଦ୍ଧି-** ମେଷ, ବୃଷ, ମିଥୁନ, ସିଂହ, କନ୍ୟା, ତୁଳା, ଧନୁ, ମକର ଓ କୁମ୍ଭ ରାଶିର। ଦିଘ ୭।୫୨ ଗତେ ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ସପ୍ତମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ତାଳ ରାଘ ୧୦।୪୭ ପରେ ନଡ଼ିଆ ଖାଇବା ମନା । **ଆଜିର ଶୁଭବେଳା-** ଦିଘ ୧୦।୧୪ ଗତେ ଘ ୧୧।୦୧ ମଧ୍ୟେ । ରାଘ ୮।୧୯ ଗତେ ଘ ୧୦।୩୭ ମଧ୍ୟେ । **ପର୍ବୋତ୍ସବ-** ଲଳିତା ସପ୍ତମୀ, କୁକ୍କୁଟୀ ବ୍ରତ।

**ମେଷ:** ବନ୍ଧୁ ମିଳନ ସହ ସାହାଯ୍ୟ ଓ ସହଯୋଗ ମଧ୍ୟ ପ୍ରାପ୍ତ ହେବ। ଆର୍ଥିକ ସ୍ଥିତିରେ ଉନ୍ନତି ଦେଖାଦେବ। ବ୍ୟବସାୟରେ ଆଶାନୁରୂପକ ଫଳ ଲାଭ ହେବ। ପରେ ଆନନ୍ଦ ଦେଖାଦେବ ।

**ବୃଷ:** କାର୍ଯ୍ୟକ୍ଷେତ୍ରରେ ସହକର୍ମୀ ସହଯୋଗ ଲାଭ କରିବେ। ଶତ୍ରୁନାଶ ହେବ। ଆୟର ପରିମାଣ ବଢ଼ିବ। ପାରିବାରିକ ଜୀବନ ଆନନ୍ଦ ଉତ୍ସବରେ କଟିବ। ଦେହ ଭଲ ରହିବାର ସୂଚନା ।

**ମିଥୁନ:** ଅନେକ କ୍ଷେତ୍ରରେ ବିଜୟ ହାସଲ କରିବେ। ମନ ସଦା ସର୍ବଦା ପ୍ରସନ୍ନ ରହିବ। ପାରିବାରିକ ଜୀବନ ସୁଖ ସନ୍ତୋଷରେ କଟିବ। ପିଲାଙ୍କ ପାଇଁ ଚିନ୍ତିତ ରହିବେ। ଆୟ ପୂର୍ବ ପରି ସ୍ଥିର ରହିବ ।

**କର୍କଟ:** କର୍ମକ୍ଷେତ୍ରରେ ମାନହାନୀ ଘଟିପାରେ। ଆର୍ଥିକ ସ୍ଥିତି ମାନ୍ଦା ହେବ। ଯାନ୍ତ୍ରିକ ତ୍ରୁଟି ହେତୁ ଲକ୍ଷ୍ୟ ସ୍ଥଳରେ ବିଳମ୍ବରେ ପହଞ୍ଚିବେ। ପରିବାରରେ ଅଶାନ୍ତି ଦେଖାଦେବାର ସୂଚନା। ମନ ଅସ୍ଥିର ରହିବ ।

**ସିଂହ:** ଚାକିରୀ କ୍ଷେତ୍ରରେ ଉତ୍ସାହିତ ହୋଇ କାର୍ଯ୍ୟ କରିଚାଲିବେ। ଐଶ୍ୱର୍ଯ୍ୟ ପ୍ରାପ୍ତ ହେବ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଶତ୍ରୁ ସଂଖ୍ୟା ହ୍ରାସ ପାଇବ। ପରିବାରରେ ଆନନ୍ଦ ଦାୟକ ଦେଖାଦେବ ।

**କନ୍ୟା:** ମନରେ ଘୃଣା ଭାବ ଜାତ ହେବ। ହଠାତ୍ କୌଣସି ଏକ ଖବର ପାଇ ମାନସିକ ଅସ୍ଥିରତା ଦେଖାଦେବ। ଖର୍ଚ୍ଚର ପରିମାଣ ଅଧିକ ହେବ। ଗୃହେ କଳହ ଦେଖାଦେଇପାରେ । କୌଣସି କାର୍ଯ୍ୟରେ ମନ ଲାଗିବ ନାହିଁ ।

**ତୁଳା:** ଆଜି ଆପଣଙ୍କର ଦିନଟି ଆନନ୍ଦ ଦାୟକ ହେବ। ଅନ୍ତରଙ୍ଗ ବନ୍ଧୁଙ୍କ ସହ ଭେଟ ହୋଇପାରେ। ଉତ୍ତମ ଭୋଜନ ମିଳିବ। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ଭ୍ରମଣ ଯୋଗ ରହିଛି ।

**ବିଛା:** କର୍ମକ୍ଷେତ୍ରରେ ପଥରୋଧର ସମ୍ମୁଖୀନ ହେବେ। ନିଜର ଅନିଚ୍ଛା ସତ୍ତ୍ୱେ ଦୂରକୁ ଯାତ୍ରା କରିପାରନ୍ତି। ଘରେ ମତାନ୍ତର ଦେଖାଦେବ। ବ୍ୟୟର ପରିମାଣ ବଢ଼ିବ। ମନ ଅସ୍ଥିର ରହିବାର ସୂଚନା ।

**ଧନୁ:** ନୂତନ ଦ୍ରବ୍ୟ ଲାଭ ହେବାର ସୂଚନା। ପାରିବାରିକ ଜୀବନ ହସିଲା ଓ ପୂରିଲା ପରି ଲାଗିବ। କାର୍ଯ୍ୟ କ୍ଷେତ୍ରରେ ସଫଳତା ଦେଖାଦେବ। ବନ୍ଧୁଙ୍କ ଆଗମନ ହେତୁ ମଉଜମଜଲିସ୍‌ରେ ସମୟ କଟିବ। ପରୋପକାରୀ ହେବେ ।

**ମକର:** ଆଜି ଆପଣଙ୍କର ଆୟ ଯୋଗ ରହିଛି। ବ୍ୟବସାୟରେ ଲାଭବାନ୍ ହେବେ। ଲାଗି ରହିଥିବା ବିବାଦରେ ବିଜୟୀ ହେବେ। ପାରିବାରିକ ଜୀବନ ସୁଖମୟ ହେବ। ଧନବାନ ହେବାର ସୂଚନା ।

**କୁମ୍ଭ:** ସମସ୍ତ କାର୍ଯ୍ୟ ସୁରୁଖୁରୁରେ ସମ୍ପାଦନ ହେବ। ପିଲାମାନେ ଲେଖାପଢ଼ାରେ ମନ ଦେବେ । ଦେବ ଦର୍ଶନର ସୁଯୋଗ। ମାଙ୍ଗଳିକ କାର୍ଯ୍ୟ ନିମନ୍ତେ ଦିନଟି ଅନୁକୂଳ ଅଟେ। ଆୟ ସ୍ଥିର ରହିବ ।

**ମୀନ:** ବ୍ୟବସାୟରେ ଲାଭବାନ୍ ହେବେ। ଅସମ୍ପୂର୍ଣ୍ଣ କାର୍ଯ୍ୟଟି ହେବାରୁ ଆଶ୍ୱସ୍ତି ଲାଭ କରିବେ। ଘରେ ସୁଖ ଶାନ୍ତି ରହିବ। ଆୟ ଓ ବ୍ୟୟର ପରିମାଣ ସମାନ ରହିବାର ସୂଚନା। ନୂତନ ବନ୍ଧୁଙ୍କ ସହ ସାକ୍ଷାତ ।

## ଆଗାମୀ କାଲିର ପଞ୍ଜିକା

**କଳିକା ପଞ୍ଜିକା :** ଉତ୍କଳୀୟ ସନ -୧୪୩୨ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୭, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୮ଙ୍କ

**ତା୩୧।୮।୨୦୨୫, ଭାଦ୍ରବ ଦି୧୫ନ, ରବିବାର**

**ସୂର୍ଯ୍ୟୋଦୟ- ଘ୫।୩୦।୫୯ ଚନ୍ଦ୍ରୋଦୟ- ଦିଘ ୧୨।୧୨।୦୬**

**ଅଷ୍ଟମୀ-** ରାଘ ୧୨।୫୮ ପର୍ଯ୍ୟନ୍ତ। **ଅନୁରାଧା ନକ୍ଷତ୍ର-** ସଂଘ ୫।୨୭ ପର୍ଯ୍ୟନ୍ତ । **ବିଛା ଚନ୍ଦ୍ର-** ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି-** ବୃଷ, ମିଥୁନ, କର୍କଟ, କନ୍ୟା, ତୁଳା, ବିଛା, ମକର, କୁମ୍ଭ ଓ ମୀନ ରାଶିର । **ଘାତ ଚନ୍ଦ୍ର-** ନାସ୍ତି। **ଶ୍ରାଦ୍ଧନିର୍ଣ୍ଣୟ-** ଅଷ୍ଟମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ-** ନଡ଼ିଆ ରାଘ ୧୨।୫୮ ପରେ ଲାଉ ଖାଇବା ମନା । **ଆଜିର ଶୁଭବେଳା-** ପ୍ରାଘ ୫।୩୫ ଗତେ ଘ ୯।୪୨ ମଧ୍ୟେ । ଦିଘ ୧।୨୦ ଗତେ ଘ ୧।୫୧ ମଧ୍ୟେ । **ପର୍ବୋତ୍ସବ-** ରାଧାଷ୍ଟମୀ, ଦୁର୍ବାଷ୍ଟମୀ, ଦୁର୍ଗାଶୟନ, ସ୍ୱାୟତ ଶାସନ ଦିବସ।

31 YEARS
ସମ୍ବାଦ କଳିକା

# ସବୁ ଦେଶରେ କ୍ଷତି ପହଞ୍ଚାଇବ ଜଳବାୟୁ ପରିବର୍ତ୍ତନ

ପରିବେଶ ପ୍ରଦୂଷଣ ଏବଂ ବିଶ୍ୱ ତାପନ ଯୋଗୁ ଜଳବାୟୁରେ ବ୍ୟାପକ ଅନିୟମିତା ଦେଖିବାକୁ ମିଳୁଛି। ଯଦି ଏବେଠାରୁ ଏହାକୁ ନିୟନ୍ତ୍ରଣ କରା ନଯାଏ ଆଗକୁ ସ୍ଥିତି ଆହୁରି ଭୟଙ୍କର ହେବ। ଏପରିକି ୨୦୪୯ ସୁଦ୍ଧା ବିଶ୍ୱ ଅର୍ଥନୀତିକୁ ଏଥିପାଇଁ ବାର୍ଷିକ ୩୮ ଲକ୍ଷ କୋଟି ଡଲାରର କ୍ଷତି ସହିବାକୁ ପଡ଼ିବ। ଜଳବାୟୁ ପରିବର୍ତ୍ତନ ଅତ୍ୟଧିକ ମାତ୍ରାରେ ହେଉଥିବାରୁ ଫସଲ ଅମଳ ପ୍ରଭାବିତ ହେଉଛି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି। ଜଳବାୟୁ ପରିବର୍ତ୍ତନ ପ୍ରାୟ ସବୁ ଦେଶରେ ଆସନ୍ତା ୨୫ ବର୍ଷରେ ବଡ଼ଧରଣର ଅର୍ଥନୈତିକ କ୍ଷତି ପହଞ୍ଚାଇବ ବୋଲି ଉକ୍ତ ଅନୁଧ୍ୟାନର ନେତୃତ୍ୱ ନେଇଥିବା ବୈଜ୍ଞାନିକ ଲିଓନି ଓ୍ୱେଞ୍ଜ୍ ଏକ ବିବୃତିରେ କହିଛନ୍ତି। ନିର୍ଗମନକୁ ବହୁମାତ୍ରାରେ ତୁରନ୍ତ ଆମକୁ ହ୍ରାସ କରିବାକୁ ପଡ଼ିବ। ଯଦି ଏହା କରା ନଯାଏ ଚଳିତ ଶତାବ୍ଦୀର ଦ୍ୱିତୀୟାର୍ଦ୍ଧରେ ଅର୍ଥନୈତିକ କ୍ଷତି ଆହୁରି ଅଧିକ ହେବ। ୨୧୦୦ ମସିହା ସୁଦ୍ଧା ଅର୍ଥନୈତିକ କ୍ଷତି ବିଶ୍ୱ ହାରାହାରିର ୬୦ ପ୍ରତିଶତ ପର୍ଯ୍ୟନ୍ତ ପହଞ୍ଚି ଯାଇପାରେ। ମାନବକୃତ ସବୁଜଗୃହ ଗ୍ୟାସ ନିର୍ଗମନ ବିଶ୍ୱକୁ ପ୍ରାକ୍ ଶିଳ୍ପାୟନ ଯୁଗ ତୁଳନାରେ ପ୍ରାୟ ୧.୧ ଡିଗ୍ରି ଉତ୍ତପ୍ତ କରିଦେଇଛି। ଏଥିଯୋଗୁ ଗତ ୩୦ ବର୍ଷ ମଧ୍ୟରେ ପ୍ରାକୃତିକ ବିପର୍ଯ୍ୟୟ ଜନିତ କ୍ଷତି ୭ ଲକ୍ଷ କୋଟି ଡଲାରରେ ପହଞ୍ଚିଛି। ଜଳବାୟୁ ପରିବର୍ତ୍ତନ ଜନିତ କ୍ଷୟକ୍ଷତି ବଢୁଛି। ଏଥିଯୋଗୁ ୨୦୧୬ ମସିହାରୁ ବାର୍ଷିକ ହାରାହାରି ୫୦,୦୦୦ କୋଟି ଡଲାରର କ୍ଷତି (ଆମେରିକା ଜିଡିପିର ୨ ପ୍ରତିଶତ) ହେଉଛି। ବିଶ୍ୱତାପନ ପ୍ରତି ବିକାଶଶୀଳ ଦେଶଗୁଡ଼ିକର ଯୋଗଦାନ ଅପେକ୍ଷାକୃତ କମ୍ ରହିଥିଲେ ମଧ୍ୟ ସେମାନେ ଅଧିକ କ୍ଷତି ସହୁଛନ୍ତି। ଗବେଷକମାନେ ମତ ରଖିଛନ୍ତି ଯେ ନିର୍ଗମନକୁ ହ୍ରାସ କରିବା ଏବଂ ଚଳିତ ଶତାବ୍ଦୀ ଶେଷ ସୁଦ୍ଧା ବିଶ୍ୱ ତାପନକୁ ୨ ଡିଗ୍ରି ମଧ୍ୟରେ ସୀମିତ ରଖିବା ଦ୍ୱାରା ଜଳବାୟୁ ପରିବର୍ତ୍ତିତଜନିତ କ୍ଷୟକ୍ଷତିକୁ ସବୁଠୁ ଅଳ୍ପ ମୂଲ୍ୟରେ ରୋକାଯାଇ ପାରିବ। ଜଳବାୟୁ ପରିବର୍ତ୍ତନ ପାଇଁ ସର୍ବନିମ୍ନ ଦାୟୀ ଦେଶଗୁଡ଼ିକ ଉଚ୍ଚ ଆୟକାରୀ ଦେଶମାନଙ୍କ ତୁଳନାରେ ୬୦% ଅଧିକ କ୍ଷତି ସହିବେ ବୋଲି ଆକଳନ କରାଯାଇଛି। ଅନୁଧ୍ୟାନରେ ଦକ୍ଷିଣ ଏସିଆ ଏବଂ ଆଫ୍ରିକା ସଂପର୍କରେ କୁହାଯାଇଛି ଯେ ଏସବୁ ଅଞ୍ଚଳରେ ୨୦୫୦ ବେଳକୁ ହାରାହାରି ଆୟରେ ପ୍ରାୟ ୨୨ ପ୍ରତିଶତ କ୍ଷତି ସହିବାକୁ ହେବ। ପିଆଇକେର ବୈଜ୍ଞାନିକ ମାକ୍ସିମିଲିଆନ କହିଛନ୍ତି, ଅତୀତର ନିର୍ଗମନ କାରଣରୁ ୨୦୨୯ ସୁଦ୍ଧା ବିଶ୍ୱରେ ହାରାହାରି ଆୟ ୧୯ ପ୍ରତିଶତ ହ୍ରାସ ପାଇବ, ଯାହାକି ବିଶ୍ୱ ଜିଡିପି ତୁଳନାରେ ଦେଖିଲେ ୧୭ ପ୍ରତିଶତ। ଜଳବାୟୁ ପରିବର୍ତ୍ତନ ଜନିତ ଅର୍ଥନୈତିକ କ୍ଷତି ପ୍ରଭାବରୁ ଜର୍ମାନୀ, ଫ୍ରାନ୍ସ ଓ ଆମେରିକା ଭଳି ବିକଶିତ ଦେଶ ମଧ୍ୟ ବାଦ ପଡ଼ିବେ ନାହିଁ ବୋଲି ଲିଓନି ଓ୍ୱେଞ୍ଜ୍ କହିଛନ୍ତି। ଶ୍ରମିକମାନଙ୍କ ଉତ୍ପାଦକତା କମୁଛି ଏବଂ ଭିତ୍ତିଭୂମି ମଧ୍ୟ ନଷ୍ଟ ହେଉଛି ବୋଲି ଜର୍ମାନୀର ପଟ୍ସଡ୍ୟାମ ଇନ୍‌ଷ୍ଟିଚ୍ୟୁଟ୍ ଫର୍ କ୍ଲାଇମେଟ୍ ଇମ୍ପାକ୍ଟ ରିସର୍ଚ୍ଚ (ପିଆଇକେ)ପକ୍ଷରୁ କୁହାଯାଇଛି। ବିଶ୍ୱର ୧୬୦୦ରୁ ଅଧିକ ଅଞ୍ଚଳରୁ ଗତ ୪୦ ବର୍ଷର ତଥ୍ୟ ସଂଗ୍ରହ କରି ଭବିଷ୍ୟତ ସଂପର୍କରେ ଉକ୍ତ ସଂସ୍ଥାର ବୈଜ୍ଞାନିକମାନେ ଏଭଳି ଭୟଙ୍କର ପୂର୍ବାନୁମାନ କରିଛନ୍ତି। ଜଳବାୟୁ ପରିବର୍ତ୍ତନ କାରଣରୁ ଚଳିତ ଶତାବ୍ଦୀର ମଧ୍ୟଭାଗ ସୁଦ୍ଧା ବିଶ୍ୱରେ ଲୋକମାନଙ୍କ ହାରାହାରି ଆୟ ୧୯ ପ୍ରତିଶତ କମିଯିବ ବୋଲି ନେଚର ପତ୍ରିକାରେ ପ୍ରକାଶିତ ରିପୋର୍ଟରେ କୁହାଯାଇଛି।

## ଶ୍ରୀଶ୍ରୀ ଅଭିରାମ ସରସ୍ୱତୀଙ୍କ ଦିବ୍ୟ ସନ୍ଦେଶ

### ସତ୍ୟ ଭାଗବତ

ତୃତୀୟ ଅଧ୍ୟାୟ



ଶ୍ରୀ ଅଭିରାମ ସରସ୍ୱତୀ

ମଜାରେ ମଜାରେ କାମ କର ନାହିଁ
ଭବିଷ୍ୟତ ଭାଗ୍ୟ ଡୋରି
ମଜାରେ ମଜାରେ କାମ କର ନାହିଁ
ଅତୀତର ଭାବତରୀ। (୧)

ମନ୍ଦ ଉଦ୍ଦେଶ୍ୟରେ କର୍ମ କର ନାହିଁ
ମହତ ଯିବ ଫୁସୁରି
ମହାକାଳ ପରି ମନ୍ଦ ଯେ ସୁନ୍ଦରୀ
ମୁହୂର୍ତ୍ତେ ଯାଏ ପାସୋରି। (୨)

ମନ ଟଳମଳ ହୋଇବ ସବୁରି
ଲୋଭ ମୋହ ମାୟା ଧରି
ମମତା ଫାସରେ କାଳ ହସ୍ତେ ଡୋରି
ଏହିତ କାଳିର ତରୀ । (୩)

ମହାପାପ କରି ହୃଦୟରେ ଭରି
ଦେଖାଉଥିବେ ଚତୁରୀ
ମହାକାଳ କିନ୍ତୁ ନେବରେ ଘୋଷାରି
ବଡପଣ ଯିବ ସରି । (୪)

ମନ ସଫାକର ବସିବେରେ ହରି
ମନ ତ ଗୁରୁ ତୁମ୍ଭରି
ମନ ଆସନ ତ ଶ୍ରୀ ଅନନ୍ତ ହରି
ମନକୁ ରଖ ବିଚାରି। (୫)

ମନ ଥୟ ଯାର ଜୟ ତ ତାହାରି
କାଳ ଫାସ ଥାଏ ଡରି
ମନକୁ ଅମନେ ଯିଏ ଦିଏ ଭରି
ମାୟା ତାକୁ ଥାଏ ଡରି। (୬)

ମନଟି ମ କାର ମହେଶ୍ୱର ଧରି
ଓଁ କାର ଲୟ ତାଙ୍କରି
ମରଣକୁ ଜିଣି ଭବ ଭୟ ହାରି
ଶ୍ମଶାନ ନେଲେ ଆଦରି। (୭)


ମଦ, ମାଂସ, ନାରୀ ତ୍ରିଶୂଳକୁ
ଧରି
କଳି ବୁଲେ ଘିରି ଘିରି
ମମତା ଲଗାଇ ମୋହ ଫାସେ
ଭରି
କରି ଦିଏ ହତଶିରୀ। (୮)

ମତୁଆଲା ପରି ମନ ତ ସବୁରି
ମୁରବି ନାହିଁ କାହାରି
ମନ ପଞ୍ଜୁରିରେ ପାଳନ୍ତି ମଞ୍ଜାରୀ
ମୁଖେ କହୁଥାନ୍ତି ହରି । (୯)

ମର୍କତ ପରାୟେ ଭାବନା ସବୁରି
ଭକତି ନାହିଁ କାହାରି
ମନରେ ପୁରିଛି ମଇଳାରେ ଭାରି
କେ କାହିଁ ଚିହ୍ନିବ ହରି । (୧୦)
(କ୍ରମଶଃ)

# ବଧୂ ବିଦେଶିନୀ-୩୫

## କଳିଙ୍ଗ ଓ ଯବଦେଶ (ଜାଭା) ବିଷୟକ ଇତିହାସ ଓ କଳ୍ପନା ମିଶ୍ରିତ ଉପନ୍ୟାସ



ଦୁର୍ଗାଚରଣ ସାହୁ
ଆଇଏଏସ୍, (ଅବସରପ୍ରାପ୍ତ)
ବିଜେବି ନଗର,
ଭୁବନେଶ୍ୱର
ମୋ : ୮୯୮୪୬୫୫୩୦୩

## ୫୦. ତର୍କର ସଂକ୍ଷେପ ରୂପରେଖ

(ପୂର୍ବ ପ୍ରକାଶିତ ଉତ୍ତାରୁ)

ବିନମ୍ରତା ସହକାରେ ମୁଁ ଓ ସୁହାସିନୀ ହାତ ଯୋଡି, ତର୍କ ଆରମ୍ଭ କରିବାକୁ ପଣ୍ଡିତ ଶମ୍ଭୁନାଥ ଓ ପଣ୍ଡିତ ଦେବାୟନଙ୍କୁ ସଂକେତ ଦେବାରୁ, ସେ ଦୁହେଁ ତର୍କ ଆରମ୍ଭ ପୂର୍ବରୁ ବିଦ୍ୟାଦାତ୍ରୀ ସରସ୍ୱତୀ, ବିଦ୍ୟାର ଦେବତା ଗଣପତି ଓ ସେମାନଙ୍କ ଇଷ୍ଟ ଦେବତାଙ୍କୁ ସ୍ମରଣ କରି ତର୍କ ଆରମ୍ଭ କଲେ। ପୂର୍ବରୁ ସେମାନଙ୍କ ବଦନ ପ୍ରସନ୍ନ ଥିଲା ବେଳେ, ଏ ସମୟରେ ସେମାନେ ଗମ୍ଭୀର ହୋଇ ଆରମ୍ଭ ପରେ ଏକ ପରେ ଏକ ପ୍ରଶ୍ନ କରିଚାଲିଲେ ଯେଉଁଥିରୁ ଜଣାପଡୁଥିଲା ଯେ ସେମାନେ ତର୍କକୁ ଭୀଷଣ ବାକ୍ୟୁଦ୍ଧ ରୂପରେଖ ଦେବାକୁ ଚାହୁଁଥିଲେ। ଅତଃ ଆମ୍ଭ ଦୁଇ ପକ୍ଷଙ୍କ ମଧ୍ୟରେ ଏପରି ଯେଉଁ ତର୍କ ହେଲା ତା'ର ସଂକ୍ଷେପ ରୂପରେଖ ମୁଁ ପ୍ରଥମେ ଉପସ୍ଥାପନ କରୁଅଛି।

ଆମ୍ଭେ ଯାହାଯାହା ଉତ୍ତର ଦେବା ଆରମ୍ଭ କଲୁ ତାହା ପରେ ମୁଁ କହିବି। ବର୍ତ୍ତମାନ ଏ ଭୀଷଣ ତର୍କ ବିଷୟକ ଯାହା କିଛି ପଦ୍ୟାକାରରେ ଲେଖିଅଛି ତାହାର କିୟଦଂଶ ନିମ୍ନରେ ପ୍ରଦାନ କରୁଛି।

....

ସମସ୍ତ ବିଦ୍ୟାର ପତି — ଦେବଗଣ ପତି
ସକାଳ ବିଦ୍ୟାର ଦାତ୍ରୀ — ଦେବୀ ସରସ୍ୱତୀ
କରିଣ ଦ୍ୱୟେ ବନ୍ଦନ
କୁଳଗୁରୁ ଆରମ୍ଭିଲେ — ନିଜ ସଂଭାଷଣ ।।
ଏକ ପରେ ଏକ ପ୍ରଶ୍ନ — କଲେ ଉତ୍‌ଥାପନ
ତାଙ୍କ ସହ ଦେବାୟନ — ଦେଲେ ଯୋଗଦାନ
ଦୁଇ କନ୍ୟା ଗୁରୁଜନେ
ଇଷ୍ଟ ଦେବଙ୍କୁ ପ୍ରଣମି — ଲମ୍ଫ ତର୍କାଂଗନେ ।।
ଶମ୍ଭୁନାଥ ଦେବାୟନ — ପଣ୍ଡିତ ଧୂରୀଣ
ପରସ୍ପରଠାରୁ ଜ୍ଞାନେ — ନୁହଁନ୍ତି କେ ନ୍ୟୂନ
ଅତିବ୍ୟଗ୍ରେ ପ୍ରଶ୍ନବାଣ
ଦୁଇ ପଣ୍ଡିତ ମିଳିଣ — କରିଲେ କ୍ଷେପଣ ।।
କଲ୍ଲୋଳିନୀ ସୁହାସିନୀ — ସର୍ବ ଶାସ୍ତ୍ର ଜ୍ଞାନୀ
ବାକ୍ ଯୁଦ୍ଧେ ଓଜସ୍ୱିନୀ — ନିଜସ୍ୱ ବଖାଣି
କେବେ ମାନନ୍ତି କି ହାର
କ୍ଷିପ୍ରେ ସକଳ ପ୍ରଶ୍ନର — ବର୍ଷନ୍ତି ଉତ୍ତର ।।
ପ୍ରଥମେ ପଣ୍ଡିତେ ନେଲେ — ଯୁକ୍ତିର ଆଶ୍ରୟ
ସ୍ୱଜାତି ମଧ୍ୟେ ବିବାହ — ସଦା କରଣୀୟ
କରିବାକୁ ତା' ଖଣ୍ଡନ
ଦୁଇ କନ୍ୟା ଉଦ୍ଧରନ୍ତି — ନାନା ଶାସ୍ତ୍ରଜ୍ଞାନ ।।
ପଣ୍ଡିତେ କରି ଶ୍ରବଣ — ନାନା ଶାସ୍ତ୍ର ନାମ
ପରୀକ୍ଷଣ ଅଭିପ୍ରାୟେ — ସେ ସମ୍ବନ୍ଧେ ଜ୍ଞାନ
ମାରିଲେ ଯେ ପ୍ରଶ୍ନ ବାଣ
ଦୁଇ ସଖୀ ସବିଶଦେ — କରିଲେ ବଖାଣ ।।
ଚାଲିଲା ଗୁରୁ ଗମ୍ଭୀର — ଉଚ୍ଚମାନ ତର୍କ
ଶୁଣିଲେ ମାତାଏଁ ହର୍ଷେ — ହୋଇଣ ନିର୍ବାକ୍
କନ୍ୟାଏଁ କି ତର୍କ କଲେ

....

(ଲେଖକଙ୍କ 'କାବ୍ୟ କଲ୍ଲୋଳିନୀ'ରୁ ଆନୀତ)

ଏହାକୁ ସଂକ୍ଷେପରେ କହିଲେ ଏ ମହାଜ୍ଞାନୀ ପଣ୍ଡିତଦ୍ୱୟ ଆମ୍ଭ ଉପରେ ଯେପରି ପ୍ରଶ୍ନବାଣ କ୍ଷେପଣ କଲେ ଆମ୍ଭେ ମଧ୍ୟ ସେହିପରି ତୀବ୍ର ଗତିରେ ଉତ୍ତର ବର୍ଷଣ କରିଚାଲିଲୁ। ପଣ୍ଡିତମାନଙ୍କ ମୁଖ୍ୟ ପ୍ରଶ୍ନ ସ୍ୱାଭାବିକ ଭାବେ ଥିଲା ଯେ ନିଜଜାତି ମଧ୍ୟରେ ବିବାହ କରିବା ହେଉଛି ସମାଜର ନୀତିନିୟମ ଓ ତା'ର ଉଲ୍ଲଙ୍ଘନ ହେବା ଅନୁଚିତ। ତେଣୁ ଆମ୍ଭେ ଶାସ୍ତ୍ରଜ୍ଞାନ ଆଧାରରେ ତାହାର ଖଣ୍ଡନ କରିଚାଲିଲୁ। ଏ ସବୁ ଗୁରୁଗମ୍ଭୀର ବାକ୍ ସମର ସେଠାରେ ତିନିମାତା ବସିଥିବା ଦେଖି ନିର୍ବାକ୍ ଓ ହର୍ଷ ଥିଲେ ଯାହା ଆମ୍ଭ ଦ୍ୱୟଙ୍କପାଇଁ ପ୍ରେରଣା ଦାୟକ ହୋଇଥିଲା।

ଏଠାରେ କହି ଦେଉଛି ଯେ ପଣ୍ଡିତଦ୍ୱୟ କେତେବେଳେ କିଏ ପ୍ରଶ୍ନ କଲେ ଓ ଆମ୍ଭ ଦୁହିଁଙ୍କ ମଧ୍ୟରୁ କିଏ କେତେବେଳେ କେଉଁ ଉତ୍ତର ଦେଲା ତାହା ସଠିକ୍ ଭାବେ କହିବା କଷ୍ଟକର। ତେଣୁ ମୋଟାମୋଟି ଭାବେ ତର୍କର ବିଷୟବସ୍ତୁରେ ଆମ ପକ୍ଷରୁ ଯାହାସବୁ ଉପସ୍ଥାପିତ ହୋଇଥିଲା, ତାହା ମୁଁ କେବଳ ପରିପ୍ରକାଶ କରୁଅଛି। ଗୁରୁମାନେ କେବଳ ଆମ୍ଭ ଉପସ୍ଥାପନ ପ୍ରସଂଗରେ ବିଭିନ୍ନ ତଥ୍ୟ ପଚାରି ଆମ୍ଭ ଜ୍ଞାନ ପରୀକ୍ଷା କରୁଥିଲେ। ତା'ପୂର୍ବରୁ ଆମ୍ଭେ ଦୁହେଁ ତର୍କକୁ କିପରି ଆରମ୍ଭ କଲୁ ଓ ସ୍ଥୂଳତଃ ଆମ୍ଭ ଯୁକ୍ତିର ସାରାଂଶ କ'ଣ, ସେ ବିଷୟରେ କହୁଛି।

### ୫୧. ଆତ୍ମପକ୍ଷ ତର୍କର ଉପକ୍ରମ

ପଣ୍ଡିତଦ୍ୱୟଙ୍କର କଠିନ ବାକ୍ୟରେ ତର୍କ ଆରମ୍ଭ ଦେଖି ଆମ୍ଭେ ଦୁହେଁ ଜାଣି ପାରିଲୁ ଯେ ଏ ଏକ ବାକ୍ ସମର ହେବ। ତେଣୁ ଆମ୍ଭେ ପ୍ରସ୍ତୁତି ଓ ସଚେତ୍ ହୋଇଗଲୁ। ଅନୁମାନ କଲୁ ଯେ ହୁଏ ତ ପଣ୍ଡିତ ଦ୍ୱୟ ଆମ୍ଭର ଧୈର୍ଯ୍ୟ ଓ ସାହସ ପରୀକ୍ଷା କରିବାକୁ ଏପରି କରିପାରିଥାଆନ୍ତି। ତେଣୁ ଆମ୍ଭେ ଦୁହେଁ ପ୍ରଥମେ ଶାନ୍ତ ଭାବରେ ଓ ପରେ କଠିନ ଭାବେ ସେମାନଙ୍କ ଉତ୍ତର ଦେବାକୁ ମନସ୍ଥ କଲୁ।

ପ୍ରଥମେ ଆମ୍ଭେ ଦୁହେଁ ପୁନଃ ଗୁରୁଜନଦ୍ୱୟଙ୍କୁ ପ୍ରଣାମ କଲୁ ଓ ମୁଁ ଆରମ୍ଭ କଲି କହିଲି, "ହେ ଗୁରୁସମ ଗୁରୁଜନ, ପ୍ରଥମରୁ ତୁମ୍ଭେ ଆମ୍ଭକୁ ଆଶୀର୍ବାଦ ଦେଇ ପ୍ରୋତ୍ସାହିତ କରିଅଛ। ସର୍ବତ୍ର ବିଜୟିନୀ ହୁଅ ବୋଲି ତୁମ୍ଭର ଆଶିଷ ବଚନରେ ପ୍ରେରିତ ହୋଇ ଆମ୍ଭେ ଦୁଇ କ୍ଷୁଦ୍ରମତି ବାଳିକା ବିଜୟ ଲାଭ କରିବା ଆଶାନେଇ ଏ ତର୍କ ରଣାଙ୍ଗନରେ ଉପସ୍ଥିତ ଅଛୁ। କିନ୍ତୁ ଏ ଲକ୍ଷ୍ୟ ପ୍ରାପ୍ତ ହେବାପାଇଁ ଯଦି ଏ ବାକ୍ ଯୁଦ୍ଧରେ କିଛି କଠୋର ବଚନ କହି ଦେଉ, ତାହାଙ୍କୁ ମନରେ ନ ନେଇ ବାଳୁତ ବୋଲି ଆମ୍ଭକୁ କ୍ଷମା କରିଦେବ।" ତା'ପରେ ସୁହାସୀ କହିଲା, "ଏହାକୁ ଆମ୍ଭର ଦର୍ପ, ଅହଂକାର, ଆତ୍ମଗର୍ବ ବୋଲି ମନେ କରିବା ଅନୁଚିତ। ଆମ୍ଭଙ୍କୁ ତୁମ୍ଭର ପୁତ୍ରୀ ଜ୍ଞାନ କରି ଆମ୍ଭକୁ କ୍ଷମା କରିଦେବ।"

କୁଳଗୁରୁ ସାଙ୍ଗେ ସାଙ୍ଗେ କହିଲେ, "ତର୍କ ହିଁ ତର୍କ ପରି ହେଉ। ତୁମ୍ଭେ ଦ୍ୱୟ ଯେତେ ଦର୍ପରେ ଆମ୍ଭ ମତବାଦ ଖଣ୍ଡନ କରିବ, ତାହା ଆମ୍ଭପାଇଁ ଗ୍ରହଣୀୟ। ତୁମ୍ଭେମାନେ କହିଚାଲିବ ଓ ଆମ୍ଭେ କେବଳ ଅନେକ ପ୍ରଶ୍ନ ପଚାରିବୁ। ସେଥିପାଇଁ ପ୍ରସ୍ତୁତ ରହ।" ଆମ୍ଭେ ଦୁହେଁ ଯୋଡ ହସ୍ତରେ ସମ୍ମତି ଦେଲୁ। ତର୍କ ସଂସ୍କୃତ ତଥା ଭଦ୍ର ଭାଷାରେ ହେଲା।

ମୁଁ ଉତ୍ତର ଆରମ୍ଭ କରି ଯାହା ବଖାଣିଲି ତାହାକୁ ପଦ୍ୟାକାରରେ ନିମ୍ନ ମତେ ଲେଖିଅଛି।

....

ତୁମ୍ଭ ଯୁକ୍ତି ଯେ ଜାତିପ୍ରଥା — ଅଟଇ ଶାସ୍ତ୍ରର ସମ୍ମତ
ଯେହେତୁ ପରମ୍ପରା ରୂପେ ତା' — ସମାଜେ ସ୍ଥାନିତ
ଆମ୍ଭେ ଏହି ଯୁକ୍ତିର ସହ — କଦାପି ନୋହୁ ସହମତ
କାରଣ ମନୁଷ୍ୟର ଜାତି ଯେ — ନୁହେଁ ଜନ୍ମଗତ ।।
ବେଦ ଆଦି ସର୍ବ ଗ୍ରନ୍ଥର — କଲେ ଗଭୀର ଅଧ୍ୟୟନ
ଜ୍ଞାତ ଯେ ଜନ୍ମ ଦିଅଇ ନାହିଁ — ଜାତିରେ ଆସନ
କର୍ମବଳେ ଲଭଇ ବ୍ୟକ୍ତି — ବର୍ଣ୍ଣ ବ୍ୟବସ୍ଥା ମଧ୍ୟେ ସ୍ଥାନ
କିନ୍ତୁ ସ୍ୱାର୍ଥୀ ଜ୍ଞାନିଏଁ ନିୟମ — ରଚିଛନ୍ତି ଭିନ୍ନ

....

(ଲେଖକଙ୍କ 'କାବ୍ୟ କଲ୍ଲୋଳିନୀ'ରୁ ଆନୀତ)

ଅର୍ଥାତ୍ ମୁଁ କହିଲି ଯେ, "ତୁମ୍ଭେ କହୁଛ ଯେ ଯେହେତୁ ଆଜିର ପରମ୍ପରାରେ ଜ୍ଞାତିପ୍ରଥା ଚଳି ଆସୁଅଛି, ତେଣୁ ତାହା ଶାସ୍ତ୍ରାନୁମୋଦିତ ବୋଲି ଗଣନା କରାଯିବ। କିନ୍ତୁ ଆମ୍ଭେ ଏ ଯୁକ୍ତି, ସହିତ ସହମତ କଦାପି ହୋଇପାରିବୁ ନାହିଁ। କାରଣ ବେଦ, ଉପନିଷଦ ଆଦି ଅଧ୍ୟୟନ କଲେ ଜଣାଯାଏ ଯେ କୌଣସି ବ୍ୟକ୍ତି କୌଣସି ଏକ ଜାତିରେ ଜନ୍ମ ହୋଇ ଥିବାରୁ ତା'ର ପରିଚୟ ସେହି ଜାତି ବୋଲି ବୁଝାଯାଇ ପାରିବ ନାହିଁ। ତା'ର କର୍ମଯଦି ଭିନ୍ନ ଅଟେ ସେହି କର୍ମଫଳରେ ତା'ର ଜାତି ନିର୍ଣ୍ଣୟ ହୋଇଥାଏ। ତେଣୁ ଜନ୍ମ ନୁହେଁ, କର୍ମ କେବଳ ସେ କେଉଁ ଜାତି ବା ବର୍ଣ୍ଣର ଅଟେ ତାହା ସୂଚାଇଥାଏ। ଏ ସବୁ ସତ୍ତ୍ୱେ ଏହା ସତ୍ୟ ଯେ କିଛି ସ୍ୱାର୍ଥ ଜ୍ଞାନୀ ବ୍ୟକ୍ତି ନିଜ ଜ୍ଞାତିମାନଙ୍କୁ ସର୍ବଦା ଉଚ୍ଚାସୀନ କରିବାପାଇଁ ନିୟମ ପରିବର୍ତ୍ତନ ପୂର୍ବକ ଏ ତଥାକଥିତ ଜନ୍ମକୁ ପ୍ରଧାନ୍ୟ ଦେବା ପରମ୍ପରାରେ ରଚନା କରିଅଛନ୍ତି।

ତା'ପରେ ମୋ ବକ୍ତବ୍ୟ ସହ ଅଳ୍ପକିଛି ଯୋଗ କରି ସଖୀ ସୁହାସିନୀ ଯାହା କହିଲା ତାକୁ କବିତା ଆକାରରେ ମୁଁ ନିଜମତେ ରଚନା କରିଅଛି।

....

ଜନ୍ମଭିତ୍ତିକ ଜାତିପ୍ରଥା — ଯାହା ସଂସାରେ ପ୍ରଚଳିତ
ସେ ସକଳ କଦାପି ନୁହଇ — ଶାସ୍ତ୍ରାନୁମୋଦିତ
ବହୁ ବିବୁଧ ଜନେ ତଣ୍ଣେ — କରିଣ ତା'ର ବିପରୀତ
ରଚି ଅଛନ୍ତି ବିବାହ ନିଜ — ଜାତି ବହିର୍ଭୁତ ।।
ଦେଇ କିଛି ଉଦାହରଣ — କରୁଛୁ ତା' ଉପସ୍ଥାପନ
ଭିତ୍ତି କରି ଶାସ୍ତ୍ର ଇତିହାସ — ପୁରାଣ ବିଭିନ୍ନ
ସର୍ବଶେଷେ ଆମ୍ଭେ ରଖିବୁ — କିଛି ମୂଳଭିତ୍ତିକ ପ୍ରଶ୍ନ
ଯାହା କହେ ଜାତି ନୁହେଁ ଦୃଢ — ଅଟେ ଚଳମାନ ।।

....

(ଲେଖକଙ୍କ 'କାବ୍ୟ କଲ୍ଲୋଳିନୀ'ରୁ ଆନୀତ)

ସଂକ୍ଷେପରେ ମୋ ସଖୀ କହିଲା, " ମୋର ସଖୀର ବକ୍ତବ୍ୟକୁ ବିସ୍ତାର କରି ମୁଁ କହୁଛି ଯେ ଜନ୍ମ ଅନୁସାରେ ଅଦ୍ୟ ପ୍ରଚଳିତ ଜାତିନିୟମାବଳୀ କଦାପି ଶାସ୍ତ୍ରଦ୍ୱାରା ସ୍ୱୀକୃତ ନୁହେଁ। ତେଣୁ କରି ଅନେକ ପ୍ରତିଷ୍ଠିତ ଓ ଜ୍ଞାନୀ ବ୍ୟକ୍ତିମାନେ ନିଜ ଜାତିର ହୋଇ ନ ଥିବା ବର ବା କନ୍ୟାକୁ ବିବାହ କରି ଅଛନ୍ତି। ଏହାକୁ ପ୍ରମାଣ କରିବା ନିମିତ୍ତ ଆମ୍ଭେ ଦୁଇ ସଖୀ ବିଭିନ୍ନ ଶାସ୍ତ୍ର, ପୁରାଣ ଓ ଇତିହାସରେ ଘଟିଥିବା ଘଟଣାବଳୀକୁ ଏଠାରେ ଉଦାହରଣ ଦେଉଅଛୁ। ଏହା ସ୍ପଷ୍ଟରୂପେ ସୂଚାଇ ଦେବ ଯେ ଜାତି କେବେହେଁ ଦୃଢ ନୁହେଁ ତାହା ଚଳମାନ ଅଟେ। ଅର୍ଥାତ୍ ଯେଉଁ ଜାତିରେ ଲୋକ ଜନ୍ମ ଲାଭ କରିଥାଏ, ତାହା ତା'ର ପ୍ରକୃତ ପରିଚୟ ନୁହେଁ। କାରଣ ତା'ର ଜାତି ନିଜର କର୍ମ ଆଦି ଫଳରେ ଚଳମାନ ବା ପରିବର୍ତ୍ତନଶୀଳ ହୋଇଥାଏ।"

(କ୍ରମଶଃ)

# ଜମି ବିକନା ଭଡ଼ା ଦିଅ : ଏକ ମାନବିକ ରାୟ (୨)



ମାୟାଧର ନାୟକ
ଯାଜପୁରରୋଡ, ଯାଜପୁର
ମୋ : ୯୮୬୧୦୩୪୧୬୩
E-mail : mayadharnayak2014@gmail.com

ସ୍ୱାଧୀନତାର ୭୭ ବର୍ଷ ପର୍ଯ୍ୟନ୍ତ ସବୁ ସରକାର ଶିଳ୍ପମାଲିକମାନେ ଯେତେ ଜମି ଅଧିଗ୍ରହଣ କରିଛନ୍ତି - ତା' ବିରୋଧରେ ଯେତେ ଆନ୍ଦୋଳନ ହୋଇଛି - ତାହାକୁ ଅତ୍ୟନ୍ତ ବେଆଇନ୍ ଭାବେ ଦମନ କରି ଆସିଛନ୍ତି। ଏଇ ୪୫ ବର୍ଷ ଭିତରେ ଦମନର ମାତ୍ରା ଭୀଷଣଭାବେ ବଢ଼ିଥିଲେ ବି ଆନ୍ଦୋଳନ ବ୍ୟାପକତା ଲାଭ କରିଛି। ଯାହା ଫଳରେ କେନ୍ଦ୍ର ସରକାର ପ୍ରଥମଥର ପାଇଁ କିଛିଟା ଲୋଭନୀୟ ପ୍ରସ୍ତାବ ରଖିଛନ୍ତି - ତାହା ଯଦି ସତ ବି ହୁଏ, ଆମ ଦେଶର ଆଇନରେ ଯେଉଁ ଛିଦ୍ର ଅଛି, କ୍ଷତିଗ୍ରସ୍ତମାନେ ଯତ୍‌କିଂଚିତ୍ ରିଲିଫ ପାଇବାକୁ ବର୍ଷ ବର୍ଷ ଧରି ଅପେକ୍ଷା କରିବାକୁ ପଡିବ। ସେ ପର୍ଯ୍ୟନ୍ତ କ୍ଷତିଗ୍ରସ୍ତମାନେ ବଂଚିରହିଲେ ଭଲ।

ଏହି ଜମି ଅଧିଗ୍ରହଣ ବିଲରେ ଜମିମାଲିକ ଓ ନିର୍ଭରଶୀଳ ଜନସାଧାରଣଙ୍କ ବାସ୍ତବସ୍ୱାର୍ଥକୁ ଉପରଠାଉରିଆଭାବେ ଦେଖାଯାଇଛି। ଅସଲରେ ଶିଳ୍ପପତିମାନଙ୍କ ସ୍ୱାର୍ଥ ପ୍ରତି ପ୍ରାଧାନ୍ୟ ଦିଆଯାଇଛି। ଏଠାରେ ଅପ୍ରିୟ ସତ୍ୟ ଯେ - ଏ ପର୍ଯ୍ୟନ୍ତ ଆମ ଦେଶରେ ସମାଜବ୍ୟବସ୍ଥା ଶାସନବ୍ୟବସ୍ଥା ପୁଂଜିପତିଶ୍ରେଣୀଙ୍କ ସ୍ୱାର୍ଥରକ୍ଷା କରିଆସିଛି। ଯେତେ ବଂକେଇ, ବୁଲେଇ, ଭୁଲେଇ, ଫୁସୁଲେଇ ଲୋଭ ଦେଖାଇ ଆଇନ କରିଦେଲେ ବି ତାହା ସାଧାରଣ କୃଷକ ଶ୍ରମିକ ଶ୍ରେଣୀ ପାଇଁ ବାସ୍ତବ ସହାୟକ ହେବନାହିଁ। ଆମ ସଂବିଧାନ ହଜାର ବାର ସଂଶୋଧନ ହେଲାଣି। ସଂବିଧାନ ଯେତେ ମୋଟାହେଉଛି ଗଣତନ୍ତ୍ର ସେତେ ଛୋଟାହେବାରେ ଲାଗିଛି।

ଅକ୍ଳାନ୍ତ ପରିଶ୍ରମ ଓ ସତର୍କତା ଅବଲମ୍ବନ କରି ଏବଂ ବିବିଧ ଜନମଙ୍ଗଳକାରୀ ସର୍ତ୍ତର ପ୍ରତିଶ୍ରୁତି ଦେଇ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ବିଲ୍ ୨୦୧୧ ଲୋକସଭାରେ ଦାଖଲ କରାଯାଇଥିଲା। ଏହା କିନ୍ତୁ ଆଡ଼ମ୍ବରମୟ ଶବ୍ଦ ସଂଯୋଜନାର ଏକ ସୁନ୍ଦର ସଂସ୍କରଣ ବ୍ୟତୀତ ଅନ୍ୟ କିଛି ନୁହେଁ। ଏହି ବିଲ୍ ଜମିମାଲିକ ଓ ଚାଷୀଙ୍କ ଆଶା, ଆକାଂକ୍ଷାକୁ ଧୂଳିସାତ୍ କରି ଶିଳ୍ପପତି ଓ ବଣିକ ଗୋଷ୍ଠୀର ସ୍ୱାର୍ଥ ପ୍ରତି ଶତ ପ୍ରତିଶତ ସଂବେଦନଶୀଳ।

ସେଦିନର ଔପନିବେଶିକ ରାଜନୀତିର ଇତିହାସରେ ଭାରତୀୟ ଜନଗଣଙ୍କୁ ନିଜ ସର୍ବଗ୍ରାସୀ ଶୋଷଣତନ୍ତ୍ରର ସଦାସକ୍ରିୟ ଯନ୍ତ୍ରକରି ରଖିବାର ଅଭିସନ୍ଧିରେ ବ୍ରିଟିଶ୍ ସାମ୍ରାଜ୍ୟବାଦୀଙ୍କଦ୍ୱାରା ୧୮୯୪ ମସିହାରେ ଭାରତବାସୀଙ୍କ ଜମି ହଡ଼ପ କରିବା ପାଇଁ ଜମି ଅଧିଗ୍ରହଣ ଆଇନ୍ ପ୍ରସ୍ତୁତ ହୋଇଥିଲା। ଦୀର୍ଘ ୧୨୯ ବର୍ଷ ପରେ ଆମ ଦେଶୀ ସରକାର ସେଇ ୧୮୯୪ ଜମି ଅଧିଗ୍ରହଣ ଆଇନ୍‌ର ଏକ ପରିବର୍ତ୍ତିତ ସଂସ୍କରଣ ଆଣିଛନ୍ତି, ଯାହା ଶିଳ୍ପପତି ଓ ବଣିକଗୋଷ୍ଠୀଙ୍କୁ ଭଲ ସୁହାଇବ ଏବଂ ଭାରତ କୃଷକ ସମାଜର ଆଶା ଓ ଆକାଂକ୍ଷା ପ୍ରତି ଶକ୍ତ କୁଠାରଘାତ କରିବ।

ଲୋକସଭାରେ ଦାଖଲ ହୋଇଥିବା ଏହି ବିଲ୍‌ରେ ବିସ୍ଥାପିତ ଓ ବାସ୍ତୁହରାଙ୍କ ପାଇଁ ଯେଉଁ ସବୁ ବିଧିବ୍ୟବସ୍ଥା ସଂଲଗ୍ନ କରାଯାଇଛି, ତାହା ସେମାନଙ୍କ ଦୁଃଖକୁ ସବୁଦିନ ପାଇଁ ଲାଘବ କରିବାକୁ କେବେ ବି ସମର୍ଥ ହେବ ନାହିଁ। ବରଂ ଜମି ବିବାଦ ଲାଗି ରହିବ। ସ୍ୱାଧୀନତାର ୭୮ ବର୍ଷ ପରେ ବି ସରକାରୀ-ବେସରକାରୀ ଯୋଜନାରେ ବିସ୍ଥାପିତ ହୋଇଥିବା, କ୍ଷତିଗ୍ରସ୍ତ ଲୋକମାନେ ସେମାନଙ୍କ ନ୍ୟାଯ୍ୟ ଦାବି-ଅଧିକାର ହାସଲ କରି ପାରିନାହାନ୍ତି; ବରଂ ପ୍ରତିଶ୍ରୁତି ପୂରଣର ଦିନକୁ ଚାହିଁଚାହିଁ ଯାତନା ବଳି ପଡ଼ିଛି - କେତେକ ଦାଣ୍ଡର ଭିକାରି - ସର୍ବହରାରେ ପରିଣତ ହୋଇଛନ୍ତି।

ଏକ ମୁକ୍ତ ସାମାଜିକ ଶୃଙ୍ଖଳା ସମ୍ପର୍କରେ ବିଲ୍‌ଟିରେ ଯେଉଁ ଭବିଷ୍ୟତବାଣୀର ଅବତାରଣା କରାଯାଇଛି, ତାହା ଫମ୍ପା ପ୍ରତିଶ୍ରୁତି ବ୍ୟତୀତ ଅନ୍ୟ କିଛି ନୁହେଁ। ଆମର ସମ୍ବିଧାନ ନାଗରିକମାନଙ୍କୁ ସାର୍ବଭୌମ୍ୟ ଓ ଶକ୍ତିମାନ କରିଛି, କିନ୍ତୁ ଏହି ବିଲ୍‌ଟି ସମ୍ବିଧାନକୁ ତ୍ରୁଟିପୂର୍ଣ୍ଣ ଭାବେ ତର୍ଜମା କରିଛି। ଏହି ବିଲ୍‌ଟି ଶିଳ୍ପସାମ୍ରାଜ୍ୟ, ବହୁଦେଶୀୟ କମ୍ପାନୀ ଓ ଅବିମୃଶ୍ୟକାରୀ ଶାସକଶ୍ରେଣୀ ନିକଟରେ ଭାରତୀୟମାନଙ୍କୁ ଗୋଲାମ କରିଦେବ। ଏହାଦ୍ୱାରା ଜନଗଣଙ୍କ ଜମି, ଜୀବନ, ଜୀବିକା ଏବଂ ତା'ର ମୌଳିକ ଅଧିକାର ସମେତ ସର୍ବବିଧ ସ୍ୱାଧୀନତା ପୁଁଜିପତିଶ୍ରେଣୀଦ୍ୱାରା ଅନାୟାସରେ ଲୁଣ୍ଠନ ହେବାର ବାଟ ଫିଟିଯିବ।

ଆଲୋଚନାରେ କିଛିଟା ବିରୋଧ, କକ୍ଷତ୍ୟାଗ ହେବ, ଲୋକସଭା-ରାଜ୍ୟସଭାରେ ଉପସ୍ଥିତ ଥିବା ସଂଖ୍ୟାଗରିଷ୍ଠ ସଭ୍ୟସଭ୍ୟା ହାତ ଟେକିଲେ ବିଲ ପାଶହୋଇ ରାଷ୍ଟ୍ରପତିଙ୍କ ନିକଟକୁ ପଠାଯିବ। ରାଷ୍ଟ୍ରପତିଙ୍କ ଦସ୍ତଖତ ମୋହର ମାରିଦେଲେ, ଗେଜେଟରେ ପ୍ରକାଶିତ ହୋଇ ଆଇନରେ ପରିଣତ ହେବ। ସେଇ ଆଇନର ଦ୍ୱାହିଦେଇ ଶିଳ୍ପପତି-ସରକାର ଜୋରଜବରଦସ୍ତ ବଂଧୁକମୁନରେ ଚାଷୀ-ଜମିମାଲିକଙ୍କ ଜମି ଛଡ଼ାଇ ନେବେ। ଏହାଦ୍ୱାରାଦେଶରେ ଗୃହଯୁଦ୍ଧର ଭୟାବହ ପରିସ୍ଥିତି ଉପୁଜିବ।

ଏହି ବିଲ୍‌ଟିରେ ବିସ୍ଥାପିତର ମର୍ତ୍ତ୍ୟକୁ ସ୍ୱର୍ଗ ଓହ୍ଲାଇ ଆଣିବ ବୋଲି ପ୍ରତିଶ୍ରୁତି ଦେବାରେ ଅନେକ ଉଦାର ହୋଇଥିବା ବେଳେ ଜମି ଅଧିଗ୍ରହଣ ପରେ ସେଇ ଜମିରେ ବର୍ଷ ବର୍ଷ ଧରି ଝାଳନାଳ ଲହୁଲୁହ ନିଗାଡ଼ି ଶ୍ରମ କରି ଜୀବିକା ନିର୍ବାହ କରୁଥିବା ସାମୟିକ କ୍ଷେତମଜୁରିଆ ଓ ଶ୍ରମିକର ବିପର୍ଯ୍ୟସ୍ତ ଜୀବନକୁ ସୁରକ୍ଷା ଦେବା ସମ୍ପର୍କରେ ପୂରା ନୀରବ। ଶିଳ୍ପପତିମାନେ ଜମି ଅଧିଗ୍ରହଣ ଓ ଶିଳ୍ପ ପ୍ରକଳ୍ପ ପ୍ରତିଷ୍ଠା ପାଇଁ ସରକାରଙ୍କ ସହିତ ପ୍ରାଥମିକ ଅବସ୍ଥାରେ ସଲାସୁତୁରା କରୁଥିଲେ ବି ପରବର୍ତ୍ତୀ ସମୟରେ ନିଜେ ଏକ ସମାନ୍ତରାଳ ସରକାର ପ୍ରତିଷ୍ଠା କରନ୍ତି। ଧୀରେ ଧୀରେ ପ୍ରକୃତ ସରକାରଙ୍କୁ କୋଣଠେସା କରି ଦିଅନ୍ତି।

ଭାରତୀୟ ପୁଞ୍ଜିପତି ଶ୍ରେଣୀ ଆକାଶକୁ ଅକ୍ତିଆର କଲେ, ପାତାଳ ଲୁଟ୍ କଲେ, ବାକି ଥିଲା ମର୍ତ୍ତ୍ୟ- ଗରିବର ଜମି, ଫକୀରମୋହନଙ୍କ ଛ'ମାଣ ଆଠଗୁଣ୍ଠ ଭଗିଆ ସାରିଆର ଜମି - ତା' ଉପରେ ମଂଗରାଜମାନଙ୍କ ଆଖି। ଏବେ କେବଳ ଶିଳ୍ପପତିମାନେ ଜମି ହଡ଼ପ କରୁନାହାଁନ୍ତି, ନେତା, ମନ୍ତ୍ରୀ, ଅଫିସର, ଖଣି ମାଫିଆ, ଗୁଣ୍ଡାଶ୍ରେଣୀର ଲୋକେ ସରକାରୀ, ବେସରକାରୀ ଜମିକୁ ହଡ଼ପ କରିଛନ୍ତି। ସମ୍ପ୍ରତି ପ୍ରଶାସନିକ ସନ୍ତ୍ରାସବାଦ ଚାଲିଛି। ଜାଲିଆତିର ଜାଲରେ ଜନଗଣ ଛନ୍ଦିହୋଇଗଲେଣି। ସରକାର ଭୁଲ କରି ଭୟ ଦେଖାଇ ଭୂ-ବଳାତ୍କାର ଭୟଙ୍କର ଭାବେ କରିଚାଲିଛନ୍ତି।

ଦୂର ଦିଗ୍‌ବଳୟରେ କଳାକଳା ବାଦଲକୁ ଦେଖି ଦେଶର ଜମି ମାଲିକ ଓ ଚାଷୀକୁଳ ଆତଙ୍କିତ ଥିଲାବେଳେ ଏହି ଲେଖକର 'ଜମି ବିକନା - ଭଡ଼ା ଦିଅ' ତତ୍ତ୍ୱଗ୍ରନ୍ଥ ସପ୍ତରଙ୍ଗୀ ଇନ୍ଦ୍ରଧନୁ ଭଳି ତାଙ୍କ ମନରେ ଆଶାର ଆଲୋକ ଖେଳାଇ ଦେଇଛି। ଜଟିଳ, ଅବୋଧ ଓ ଅସଙ୍ଗତ ଜମି ଅଧିଗ୍ରହଣ, ଥଇଥାନ ଓ ପୁନର୍ବାସ ବିଲ୍ ୨୦୧୧କୁ ଆହ୍ୱାନ କରୁଥିବା ଏହି କ୍ରାନ୍ତିକାରୀ ତତ୍ତ୍ୱଟି ଜମି ଅଧିଗ୍ରହଣ ସମସ୍ୟାର ସରଳ ମାନବବାଦୀ ସମାଧାନର ଏକ ସୁନ୍ଦର ଉପସ୍ଥାପନ।

ଭାଗଚାଷ ରୂପକଳ୍ପ ଉପରେ ଆଧାରିତ ଦୀର୍ଘ ଅଭିଜ୍ଞତାରୁ ଲବ୍ଧ ଏହି ତତ୍ତ୍ୱଟି ଜମି ଅଧିଗ୍ରହଣ ସମସ୍ୟାର ଏକ ସର୍ବକାଳୀନ ସମାଧାନ ସୂତ୍ର। ଏହି ଅଦ୍ୱିତୀୟ ତତ୍ତ୍ୱଟିର ମହତ୍ତ୍ୱହେଉଛି - ଜମି ମାଲିକ ନିଜ ଜମିକୁ ଔଦ୍ୟୋଗପତିଙ୍କୁ ବା ସରକାରଙ୍କୁ ବୃହତର ଜାତୀୟ ସ୍ୱାର୍ଥ ପାଇଁ ଭଡ଼ାରେ ଦେବ। ମାସକୁ ମାସ ଭଡ଼ା ଆଦାୟ କରିବା ସହିତ ଜମି ହସ୍ତାନ୍ତର ବେଳେ ସବୁପ୍ରକାର ଥଇଥାନ ଓ ପୁନଃବସତି ସୁବିଧା ସୁଯୋଗ ପାଇବ। ଜମିର ମାଲିକାନା ସତ୍ତ୍ୱ ସବୁବେଳେ ପୂର୍ବଭଳି ତା' ପାଖରେ ରହିବ। ଏହି ପ୍ରକ୍ରିୟାରେ ବଂଶାନୁକ୍ରମିକ ଭଡ଼ା ଓ ଅନ୍ୟାନ୍ୟ ସୁବିଧା ସୁଯୋଗ ହାସଲ କରି ଚାଲୁଥିବ।

ଏକ ଚୁକ୍ତି ସ୍ୱାକ୍ଷରିତ ହେବ, ଯେଉଁଥିରେ ବ୍ୟବସ୍ଥା ରହିବ ଯେ - ଜମି ଭଡ଼ାରେ ଦେଇଥିବା ମାଲିକ ପ୍ରତି ପାଂଚବର୍ଷ ଅବଧୀରେ ଭଡ଼ା ବୃଦ୍ଧି କରିପାରିବ। ଏହା ବ୍ୟତୀତ ଘର ବଦଳରେ ଘର, ଚାକିରି ଏବଂ ଆନ୍ତର୍ଜାତୀୟ ଥଇଥାନ ଓ ପୁର୍ନବସତି ନୀତିର ଉପଯୋଗ କରିବ। ଯଦି ଏହି ବିକଳ୍ପ ଜମି ନୀତି ସାରାଦେଶରେ ଓ ସାରା ପୃଥିବୀରେ ଅନୁସୃତ ହୁଏ, ତା'ହେଲେ ଜମିମାଲିକ ଓ ଶିଳ୍ପପତିଙ୍କ ମଧ୍ୟରେ ଅନବରତ ଚାଲୁ ରହିଥିବା ସଂଘର୍ଷର ଅଚିରେ ଅବସାନ ଘଟିବା ସହିତ ପ୍ରଗତିପଥର ସବୁ ବାଧାବନ୍ଧନ ହଟିଯିବ।

ଜମି ଭଡା ଦେବା ନିଆରା ତତ୍ତ୍ୱ ଅସମ୍ଭବ ବୋଲି ପ୍ରତୀୟମାନ ହେଉଥିବା ପ୍ରଶ୍ନର ଗୋଟିଏ ସରଳ ଓ ସହଜ ସୂତ୍ର - ଭାଗଚାଷ ଭଳି ଭାଗଶିଳ୍ପ। ଏହି ବିଚାରଧାରା ଦ୍ୱାରା ଜମିମାଲିକ କୃଷକଙ୍କ ସ୍ୱାର୍ଥରକ୍ଷା ହେବା ସହ ଔଦ୍ୟୋଗୀକରଣ ସମସ୍ୟାର ସମାଧାନ ପାଇଁ ନୂଆରାସ୍ତା ଦେଖାଇ ଦିଆଯାଇଛି। ଏଇ ତତ୍ତ୍ୱକୁ କେନ୍ଦ୍ର ସରକାର ଗ୍ରହଣ କଲେ କେବଳ ଭାରତରେ ନୁହେଁ, ସମଗ୍ର ବିଶ୍ୱରେ ଏହାଦ୍ୱାରା କୋଟିକୋଟି ଲୋକଙ୍କର ସ୍ୱାର୍ଥପୂରଣ ହେବ।

ଏହି ତତ୍ତ୍ୱକୁ ସଂପୂର୍ଣ୍ଣ ବ୍ୟାଖ୍ୟା କରାଯାଇ ଐତିହାସିକ ଘଟଣାବଳୀଠୁ ଆଧୁନିକ ଯୁଗ ପର୍ଯ୍ୟନ୍ତ ବିଭିନ୍ନ ସମସ୍ୟା ଓ ଘଟଣାର ଅବତାରଣା କରି ଇଂରାଜୀରେ 'ଲାଣ୍ଡ ଟୁ ଲେଟ', ହିନ୍ଦୀରେ 'ଜମିନ୍ ନେହିଁ ବେଚନା, କିରାୟେ ପର ଦେନା', ଓଡ଼ିଆରେ 'ଜମି ବିକନା, ଭଡା ଦିଅ' ପୁସ୍ତକ ରାଜ୍ୟର ସମସ୍ତ ବିଧାୟକ, ବୁଦ୍ଧିଜୀବୀ, ଶିଳ୍ପପତି, ସାମ୍ବାଦିକମାନଙ୍କୁ ଦିଆଯାଇଛି। ଲୋକସଭା, ରାଜ୍ୟସଭାର ସମସ୍ତ ସଭ୍ୟମାନଙ୍କୁ ଏବଂ ଦେଶର ବୁଦ୍ଧିଜୀବୀ, ଶିଳ୍ପପତି, ଅର୍ଥନୀତିଜ୍ଞ, ସମାଜତତ୍ତ୍ୱବିତମାନଙ୍କୁ ମଧ୍ୟ ପଠାଯାଇଛି - ଏପରିକି ୧୩୫ ଦେଶର ରାଷ୍ଟ୍ରମୁଖ୍ୟମାନଙ୍କ ପାଖକୁ ପଠାଯାଇଛି। ମୋର ୫୦ ବର୍ଷର ରାଜନୈତିକ ଜୀବନର ନିଛକ ଅନୁଭୂତିକୁନେଇ ପ୍ରାୟ ଏକବର୍ଷରୁ ଊର୍ଦ୍ଧ୍ୱହେଲା - ଏହି ଜମି ବିକନା, ଭଡା ଦିଅ ତତ୍ତ୍ୱକୁ ପ୍ରଚାର ପ୍ରସାର କରିଆସୁଛି।

ସତ୍ୟର ଗୋଟିଏ ଶବ୍ଦ ମଧ୍ୟ ପୃଥିବୀକୁ ଓଲଟପାଲଟ କରିଦେଇପାରେ। ଗୋଟିଏ ନୂଆ ଚିନ୍ତାଧାରା ପ୍ରସାର ଲାଭ କରିବାପାଇଁ ଦଶନ୍ଧି ଦଶନ୍ଧି ଏପରିକି ଶତାବ୍ଦୀ ଶତାବ୍ଦୀ ଲାଗିଯାଇପାରେ। ମୋର ଏହି ବିଚାରଧାରା ଆଠଶହ କୋଟି ପ୍ରଶ୍ନର ଗୋଟିଏ ଉତ୍ତର।

ଏ ଜମି ତତ୍ତ୍ୱ ଥୋରୁଙ୍କ ''ଓ୍ୱାଲଡେନ ପଣ୍ଡ'' ପରି ପ୍ରକୃତିର ଉପଚାର କରୁଥିଲାବେଳେ ମହାତ୍ମା ଗାନ୍ଧୀଙ୍କ ଅହିଂସା ଅସ୍ତ୍ରଭଳି ଶକ୍ତିଶାଳୀ ଏବଂ ବିନୋବା ଭାବେଙ୍କ ଶାନ୍ତ ଭୂ-ଦାନ ଆନ୍ଦୋଳନ ଭଳି ଏକ ନୀରବ ବିପ୍ଳବର ଇସ୍ତାହାର। ଅନିଶ୍ଚିତ ଭବିଷ୍ୟତ ପରିପ୍ରେକ୍ଷୀରେ ଏ ଅମୂଲ୍ୟ ତତ୍ତ୍ୱଟିର ଜରୁରୀ ଉପଯୋଗ ଆମ ଦେଶ ଭିତରେ ଏବଂ ସାରା ପୃଥିବୀରେ କରାଗଲେ ଅସମାହିତ ଭଳି ପ୍ରତୀୟମାନ ହେଉଥିବା ସମସ୍ୟାର ଆଶୁ ସମାଧାନ ଅବଶ୍ୟମ୍ଭାବୀ। ପାଖାପାଖି ଆଠଶହ କୋଟି ମଣିଷର ପୃଥିବୀ। ଲକ୍ଷେ ଧନିକ ବଣିକ ପାଇଁ ଏଇ ଆଠଶହ କୋଟି ମଣିଷର ଭବିଷ୍ୟତ ଭୟାବହ। ଥରେ ଟଙ୍କାଦେଇ କିଣିନିଅ ଜମି, ଗରିବର ଗାଁ, ଗିରିଜନର ଗଡ଼ରାଜ୍ୟ- ତା'ପରେ ରାଜ୍ କର ମାମୁଲି ମଣିଷର ମଡ଼ା ଉପରେ। ଆଠଶହ କୋଟି ମଣିଷଙ୍କ ଭବିଷ୍ୟତର ଭାଗ୍ୟ ସପକ୍ଷରେ ପୃଥିବୀର ପ୍ରଥମ ସ୍ୱର ଏକ ଏକାନ୍ତ ମାନବୀୟ ରାୟ, ଜମି ବିକନା-ଭଡ଼ା ଦିଅ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## ଗୁରୁ ହିଁ ପରମେଶ୍ୱର

*ନଳିନୀ ଦାଶ*



ଗୁରୁ ତୁମେ ପିତା ଗୁରୁ ତୁମେ ମାତା
ବ୍ରହ୍ମା ବିଷ୍ଣୁ ମହେଶ୍ୱର
ଗୁରୁ ତୁମେ ଶକ୍ତି ଗୁରୁ ତୁମେ ମୁକ୍ତି
ପ୍ରେରଣାର କର୍ଣ୍ଣଧାର ।
ଗୁରୁ ତୁମେ ଗତି ଗୁରୁ ତୁମେ ଶାନ୍ତି
ଜଗତରେ ଶ୍ରେଷ୍ଠତର
ଅଜ୍ଞାନ ଅନ୍ଧାର କରିଦିଅ ଦୂର
ଶିଖାଇ ଶିକ୍ଷା ସଂସ୍କାର ।



ଗୁରୁ ବ୍ରହ୍ମମୟ ସୁରକ୍ଷା ବଳୟ
ଗୁରୁ ଯେ ମଙ୍ଗଳମୟ
ଗୁରୁ ବିଦ୍ୟାଦାତା ଜ୍ଞାନର କରତା
ନମଣିବା କେବେ ହେୟ ।
ଗୁରୁ ପୂଜନୀୟ ଗୁରୁ ବନ୍ଦନୀୟ
ସ୍ନେହ କ୍ଷମାର ସାଗର
ଗୁରୁ ଯେ ପରମ ଗୁରୁ ଯେ ଧରମ
ଏ ସୁନ୍ଦର ଜଗତର ।
ଗୁରୁ ତୁମେ ପୂଜା ଗୁରୁ ତୁମେ ଧ୍ୱଜା
ତୁମେ ହିଁ ପରମେଶ୍ୱର
ଆଦର୍ଶ ଜୀବନ ଗଢ ଦେଇ ମନ
କରୁ କୋଟି ନମସ୍କାର ।

*ଭିକାରିପଡା, ଶରଣକୁଳ, ନୟାଗଡ଼*
*ଦୂରଭାଷ-୯୨୩୮୯୯୬୬୪୯*

## ସମାଜ ସୁଧାରକ ଗଣମାଧ୍ୟମ

*ପ୍ରଶାନ୍ତ କୁମାର ନାୟକ*



ଚତୁର୍ଥ ସ୍ତମ୍ଭ ଅଟ ତୁମେ ଗଣତନ୍ତ୍ରର
ନାମ ତୁମ୍ଭର ଗଣମାଧ୍ୟମ,
ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତିର ସୁରକ୍ଷାରେ
ପ୍ରଥମେ ମୁଖରିତ ହୁଏ ତୁମରିନାମ ।

ଦୁନିଆରେ ରାଜ୍ ଚାଲିଛି ତୁମ୍ଭର
ଦିନ ହୀନଙ୍କର ତୁମେ ଅଟ ସର୍ବେଶ୍ୱର,
ମଣିଷର ପ୍ରତି ପରିସ୍ଥିତିର ତୁମେ ଯେ ସାହାରା
ସମାଜଟା ତୁମବିନା ସଂପୂର୍ଣ୍ଣ ଦିଗହରା ।

ଦୁଃଖ ହେଉକି ସୁଖବି ହେଉ
ହେଉ ପଛେ ତାହା ଧୋକା,
ତୁମେ ଥରେ ଏଣ୍ଟ୍ରୀକଲେ
ହୁଏ ସବୁ ଖାଲି ଉଠାପକା ।

ବିନା ଦ୍ୱିଧାରେ ମଣିଷର ମନକୁ ପଢିପାର ତୁମେ
ସତେକି ଅବା ଏକ ମନସ୍ତତ୍ତ୍ୱବିତ ଜଣେ,
ଦେଶଦୁନିଆର ଭଲମନ୍ଦ ଖବର ଆଣିଥାଅ ତୁମେ
ଥାଅପଛେ କେଉଁ କୋଣଅନୁକୋଣେ ।

ବିବାହ ବ୍ରତ ସଭାସମିତି ହେଉପଛେ ରାଜନୀତି
ବନ୍ଧୁପରିଜନ ଖୋଜାହୁଏ ଯେମିତି,
ତୁମବିନା ଲାଗେ ସତେ ଯେମିତି
ସଂପୂର୍ଣ୍ଣ ପ୍ରୋଗ୍ରାମ୍‌ଟା ହୋଇଯାଏ ଭେଳିକି ।।

ଗଣମାଧ୍ୟମ ଗଣତନ୍ତ୍ରର
ଚତୁର୍ଥ ସ୍ତମ୍ଭ ହୋଇ
ଜନଗଣଙ୍କର ମନର କଥାକୁ
ସଭିଙ୍କୁ ଦେଇଥାଅ ଜଣାଇ ।।

ଜନତାର ସ୍ୱର ମାନି ସରକାର
ସଚେତନ ଭାବ ନେଇ,
ଶାସନ କରନ୍ତି ଜନତାଙ୍କ
ସୁଖ ସମୃଦ୍ଧି କାମନା ନେଇ ।।

*ୟୁନିଟ୍-୫, ଭୁବନେଶ୍ୱର*
*ଫୋନ୍- ୮୨୪୯୬୫୦୪୧୪*

## ମୁଁ ଝିଅ ଟିଏ

*ରଶ୍ମିତା ବାରିକ୍*

ସୃଷ୍ଟିର ପ୍ରଥମ ସମ୍ଭାବନା ମୁଁ
ଘର ଅଗଣାର ଫୁଲ କଢି
ଫୁଟି ବାଣ୍ଟି ଯାଏ ସୁବାସମୋର
ସ୍ନେହ ଶ୍ରଦ୍ଧାର ପାଲିଙ୍କି ଚଢ଼ି ।
କେବେ ଜନନୀ ମୁଁ କେବେ ଭଗିନୀ
କେବେ କନ୍ୟା ପୁଣି ଅର୍ଦ୍ଧାଙ୍ଗିନୀ
ଘରର ଶୋଭା ମୋ ପାଇଁ ବଢିଯାଏ
ବୋଝ ବୋଲି ଜମା ମତେ ଭାବନି।
ସଂସ୍କାର, ସଂସ୍କୃତି, ଆକାର, ଆକୃତି
ମୁଁ ପୁଣି ସଂପୂର୍ଣ୍ଣ ଲକ୍ଷ୍ମୀଟିଏ
ହତାଦର ମତେ ଜମା କର ନାହିଁ
ଅନ୍ଧାରରେ ଦୀପ ଶିଖାଟିଏ ॥
କନ୍ୟା ନୁହେଁ ମୁଁ ଅମୂଲ୍ୟ ରତନ
ବଢ଼ାଇଦିଅ ଯତନ କରି
ବାପ ଘରେ ଦୁଇ ଦିନ ସୁଖ କରି
ଶାଶୁଘର ଯାଏ ଭାଗ୍ୟ ଆଦରି ।
ଯେତେ ଦାନ ଅଛି ସବୁଠାରୁ ପରା
ମହା ଦାନ ଅଟେ କନ୍ୟାଦାନ
ଝିଅ ପାଇଁ ମନେ ଘୃଣା ରଖ ନାହିଁ
ଦିଅ ମୋତେ ସ୍ନେହ ସନମାନ ।
ଦୁଇ କୂଳ ହିତ କରିବା ପାଇଁକି
ଜନମ ମୁଁ ଯେ ନେଇଥାଏ
ଆଖିର ଲୁହକୁ ଓଠରେ ପିଇ ମୁଁ
ଉପରକୁ ସଦା ହସୁଥାଏ
ଝିଅ ହସୁଥିଲେ ଘର ପୁରି ଉଠେ
ପୁଣି ହସେ ସାରା ଦୁନିଆ
ଯତନେରେ ମୋତେ ସାଇତି ରଖିବ
ମୁଁ ଯେ ଦୁଇ ଦିନର କୁଣିଆ।

*ବାସୁଦେବପୁର, ଭଦ୍ରକ*
*ମୋ-୯୦୯୦୫୨୮୮୪୨*



## ଅଭୁଲା ବେଳ

*ସତ୍ୟବ୍ରତ ସାହୁ*

ବରଷା ଆସିଲେ ମନେ ପଡ଼ିଯାଏ କାଗଜ ଡଙ୍ଗାର ଖେଳ
ମାନସପଟ୍ଟରେ ନାଚିଯାଏ ଆଜି ଅଭୁଲା ସେ ପିଲାବେଳ(୦)

ବରଷା ଆସୁଛି ବସନ୍ତ ଆସୁଛି ସମୟ ଯାଉଛି ଗଡି
ପିଲାଦିନ ସବୁ ସ୍ମୃତି ହୋଇଯାଇ ବୟସ ଯାଉଛି ବଢି
କେଜାଣି କାହିଁକି ଭୁଲି ହେଉନାହିଁ ଗାଆଁ ଦାଣ୍ଡ ଧୂଳିଖେଳ ।ବରଷା ଆସିଲେ....(୧)

କିଏ କେତେ ଆସି ଚାଲି ଯାଉଛନ୍ତି ସମୟକୁ ସାଥିକରି
ସୁଖ ଦୁଃଖ ସବୁ ଦେଖା ଦେଉଥାନ୍ତି ଋତୁ ପରି ପାଳିକରି
ପ୍ରତି ମୁହୂର୍ତ୍ତରେ ଆଖି ଆଇନାରେ ଦିଶେ ମୋ ଅଭୁଲା ବେଳ ।ବରଷା ଆସିଲେ....(୨)

ବରଷା ଆସିଲେ ମନେ ପଡ଼ିଯାଏ କାଗଜ ଡଙ୍ଗାର ଖେଳ
ମାନସପଟ୍ଟରେ ନାଚିଯାଏ ଆଜି ଅଭୁଲା ସେ ପିଲାବେଳ(୦)

*ପଲ୍ଲୀସାହି, କମାଳପୁର, ଅହିୟାସ, ଯାଜପୁର -୭୫୫୦୩୬*
*ମୋ - ୮୯୧୭୨୭୩୫୪୫*

## ଯୌବନର ମିଠା ସମ୍ମୋହନ

*ବେଣୁଧର ସୂତାର*



ବୟସର ଗୋଲାପି ବାସରେ
ଆଙ୍କିଦିଏ ସୁନେଲି ସପନ
ମନ ସାଜେ ମୁକ୍ତ ପ୍ରଜାପତି
ଛାତି ତଳେ ମିଠା ଆଲୋଡନ ।

ସପନର ମହୁଆ ମାଦକେ
ଆନନ୍ଦର ଉତ୍‌ଫୁଲ୍ଲ ଉଲ୍ଲାସେ
ତନୁ ତୀର୍ଥେ ଖେଳେ ଉନ୍ମାଦନା
ମନ ମଲ୍ଲୀ ମହମହ ବାସେ ।

ମନ ହୁଏ ତନ୍ମୟ ତଲ୍ଲୀନ
ସପନର ବେଳାଭୂମି ତୀରେ
ବୁକୁ ତଳେ ପ୍ରୀତିର ଜୁଆର
ମୂର୍ଚ୍ଛନାର ଅପୂର୍ବ ଝଙ୍କାରେ ।

ଅଙ୍ଗେଅଙ୍ଗେ ଶିହରଣ ଜାଗେ
ମନହୁଏ ସତେ ଆନମନା
ବୟସର ଚାରୁ ଅଙ୍ଗନରେ
ବିଳାସର ବହଳ ବ୍ୟଞ୍ଜନା ।

ମିଠା ମିଠା ରୂପ ଚିତ୍ର ଆଙ୍କେ
ନୀଳ ନୀଳ ନିଟୋଳ ନୟନେ
ସପନର ଝୁଲଣାରେ ବସି
ମନ ଝୁମେ ପ୍ରୀତି ଫୁଲବନେ ।

ମଧୁମୟ ଲାଗେ ଏ ସଂସାର
ବୟସରେ କୃଷ୍ଣଚୂଡ଼ା ରଙ୍ଗ
ରୋମାଞ୍ଚତା ଭରିଦିଏ ଅଙ୍ଗେ
ନୟନରେ ତଡିତ୍ ତରଙ୍ଗ ।

ନୂଆ ନୂଆ ଲାଗେ ଅନୁଭବ
ତନ୍ମୟର ତନୁ ତୀର୍ଥେ ଯାର
ଯୌବନର କାଉଁରୀ ମାୟାରେ
ମନ ଗାଏ ପ୍ରୀତିର ମହ୍ଲାର ।

ରଙ୍ଗମୟ ଛନ୍ଦମୟ ତନୁ
ଋତୁ ଲାଗେ ଫଗୁଣ ଫଗୁଣ
ସ୍ୱପ୍ନ ବୁଣେ ଏନୟନ କୋଣେ
ପୁଲକିତ ପ୍ରୀତିର ପାର୍ବଣ ।

ରୂପ ରଙ୍ଗ ରସ ସମ୍ମୋହିତ
ଲାବଣ୍ୟର ରମ୍ୟ ପଦ୍ମବନ
ତାରୁଣ୍ୟର ତନ୍ମୟ କୁଞ୍ଜକୁ
ରଙ୍ଗସ୍ୱପ୍ନେ ଆସିଛି ଯୌବନ ।

*କେଶଦୁରାପାଳ, କେନ୍ଦୁଝର*
*ଦୂରଭାଷ-୯୧୭୮୫୬୮୨୪୬*

## ସାଥୀ

*ସୀତାକାନ୍ତ ତ୍ରିପାଠୀ*

ଜୀବନ ବାଟରେ ଚାଲୁ ଚାଲୁ ଆମେ ଲୋଡ଼ିଥାନ୍ତି କେତେ ସାଥୀ
ବିପଦେ ଆପଦେ, ଭଲରେ ମନ୍ଦରେ ସେମାନେ ଖୋଜି ଖୋଜି ପହଞ୍ଚନ୍ତି।
ବାଲୁତ କାଳରେ ଖେଳିବା ପାଇଁ ସାଥିରେ ଥିଲେ କେତେ ସାଙ୍ଗ
ଟିକିଏ କଥାରେ ବାଲିଘର ଆମେ ଭାଙ୍ଗିଦେଇ ଦେଖାଉଥିଲୁ କେତେ ରାଗ।
ଜୀବନସାଥିକୁ ବୁଝିବାକୁ ହୁଏ ଜୀବନର ପାହାଚରେ
ଭଙ୍ଗା ଗଢା ଆଉ ଭଲ ମନ୍ଦ କଥା ବୁଝି ମନକୁ ମିଳାଇବାରେ ।
କର୍ମର ସାଥୀ ଧର୍ମର ସାଥୀ ମନର ସାଥୀ ଆସନ୍ତି କେତେ ଜୀବନେ।
କାହାକୁ କହିବା, କାହାକୁ ସହିବା, କାହାକୁ ଲେଖିବା ଏକଥା ଭାବିବା ମନେ।

*ଅର୍ଣ୍ଣପାଳ, ଭଦ୍ରକ*
*ମୋ-୯୭୭୮୭୬୪୩୯୪*



## ବାପାଙ୍କ ସ୍ମୃତିରେ...


*ସିତାଂଶୁ ଶେଖର ମିଶ୍ର*



ବାପା ଦୀପଶିଖାର ପ୍ରଭା
ଆଜି ତୁମ ସ୍ମୃତିରେ ଜଳୁଛି,
ଧୂପର ସୁଗନ୍ଧରେ
ତୁମର ସ୍ନେହ ସ୍ପର୍ଶ ଅନୁଭୂତ ହେଉଛି।
ତୁମେ ସ୍ୱର୍ଗ ପଥର ଯାତ୍ରୀ ହୋଇଛ, କିନ୍ତୁ
ଆଜିବି ତୁମର ସ୍ୱର
ମନରେ ଗୁଞ୍ଜି ହେଉଛି
ପାଖରେ ଥିବା ଅନୁଭୂତ ହେଉଛ।
ଆମକୁ ହାତଧରି ଚଲାଇ ଶିଖାଇଲ
ଦୃଢ଼ ଆଶ୍ରୟ ଦେଇ ବଡ଼ କରିଲ
ଆଜି ଅଦୃଶ୍ୟ ହୋଇ
କେବଳ ସ୍ମୃତିରେ ରହିଗଲ।
ତୁମର ତ୍ୟାଗ,
ତୁମର ପରିଶ୍ରମ,
ତୁମର ଅସୀମ ସ୍ନେହ-
ପାଇ ଆମେ ଛିଡ଼ା ହୋଇଲୁ
ନଖାଇ ନପିଇ ଆମକୁ ମଣିଷ କଲ
ଶେଷ ସମୟ ପର୍ଯ୍ୟନ୍ତ ସମସ୍ତଙ୍କୁ ଆକଟ କଲ।
ଯେଉଁ ଦୀପଶିଖାର ପ୍ରଭା ଛାଡ଼ି ଯାଇଛ
ସେହି ଆଲୋକରେ ତମର ପିଢ଼ି
ଆଗକୁ ଆଗକୁ ମାଡିଚାଲିବେ
ଏହି ଆଶୀର୍ବାଦ ତମର ସବୁବେଳେ ରଖିଥିବ।
ସବୁଠାରେ ଆମେ
ତୁମକୁ ଜୀବନ୍ତ ହୃଦବୋଧ କରୁଥିବୁ
ତୁମ ଦେଇଯାଇଥିବା ଆଦର୍ଶର ପଥରେ
ଧାବମାନ କରି ତମକୁ ଯୁଗ ଯୁଗ ପାଇଁ
ଅମର କରିବୁ।
ଆମ ଆଖିର ଲୁହରେ
ତୁମ ସ୍ମୃତିର ପୁଷ୍ପ
ଚିରକାଳ ଚିରକାଳ ପାଇଁ
ଖେଳିଯିବ ଏହି ଆଶୀର୍ବାଦ ରହୁ।

*ସୋନପୁର*
*ଦୁରଭାଷ-୮୧୪୪୮ ୭୦୭୨୯*

## ରାତି ଅକୁହା କଥାର



ପ୍ରକାଶ କୁମାର ସାହୁ



ପାର୍କ ଜଗୁଆଳି ଚିଲାଇ ଚିଲାଇ ରଡି କରୁଥାଏ ଆଜ୍ଞା ସନ୍ଧ୍ୟା ୬ଟାରେ ଗେଟ୍ ତାଲା ପଡିବ, ଆପଣମାନେ ବାହାରି ଆସନ୍ତୁ। କୁନି ଛୁଆ ଠାରୁ ଆରମ୍ଭ କରି ଯୁବକ ଏବଂ ଯୁବତୀମାନେ ସମେସ୍ତ ଗୋଟି ଗୋଟି କରି ବାହାରି ଆସିଲେ।

ସନ୍ଧ୍ୟା ହୋଇଆସୁଥାଏ, ଚଢେଇମାନେ ମଧ୍ୟ କିଳ କିଳା ରାବ ଛାଡି ତାଙ୍କ ନୀଡକୁ ଫେରିଯାଉ ଥାଆନ୍ତି। ଦରୁଆନ୍ ଜଣଙ୍କ ପାର୍କ ଭିତରକୁ ଯାଇ ଥରେ ଚେକିଂ କରିବା ପାଇଁ ଗଲା। ସେ ଦେଖିଲା, ପାର୍କରେ ଗୋଟିଏ କୋଣରେ ଦୁଇଟା ଛାଇ ପଡିଛି।

ଦରୁଆନ୍ ମନେ ମନେ ଗାଳି ଦେଉଥିଲା, ଆଜିକାଲି ପୁଅ ଝିଅଙ୍କୁ ପାରିହେବନି। ସନ୍ଧ୍ୟା ହେଲାଣି ତାଙ୍କର ଗପ ସରୁନି। କାହିଁକି ଏଗୁଡା ଏମିତି ହଉଛନ୍ତି ? ହେ ଭଗବାନ ଏମାନଙ୍କୁ ସଦ୍‌ବୁଦ୍ଧି ଦିଅନ୍ତୁ।

ପାଖରେ ଦେଖିଲା ଦୁଇଜଣ ବୁଢା ଲୋକ ପାଖାପାଖି ବସି ଗପରେ ମସ୍‌ଗୁଲ୍ ଅଛନ୍ତି। ଦରୁଆନ୍ ପହଞ୍ଚିଲା ପରେ ସେମାନେ ପ୍ରକୃତିସ୍ଥ ହୋଇଗଲେ।

ଜଣେ ବୃଦ୍ଧ ସେ ଦରୁଆନ୍‌କୁ ପାଖକୁ ଡାକି କହିଲେ ଦେଖ ବାବୁ ଆମେ ଦୁଇ ବନ୍ଧୁ ଆମର ଦୁଃଖ ସୁଖ ହଉଛୁ ଆଉ ୨ ଘଣ୍ଟା ଲାଗିବ। ତୁମେ ଦୟା କରି ଆମକୁ ସେଥିପାଇଁ ଅନୁମତି ଦିଅ। ଦରୁଆନ୍ କହିଲା, ଆଜ୍ଞା ଆପଣଙ୍କ ଘରେ ଯଦି ଖୋଜିବେ ?

ବିମଳ ବାବୁ ହସି ହସି କହିଲେ, ଆରେ ଗୋପାଳ ବାବୁ ଏ ଦରୁଆନ୍ ବାବୁଙ୍କୁ କହିଦିଅ ଆମେ ହେଲୁ ସମାଜର ଅଦରକାରୀ ବସ୍ତୁ। ବୟସ ହୋଇଗଲେ ବୁଢା ଲୋକଙ୍କୁ କେହି ଖୋଜିବେନାହିଁ। ଆଉ ଯେଉଁ ବୃଦ୍ଧମାନଙ୍କୁ ତାଙ୍କ ପରିବାର ଲୋକ ଖୋଜନ୍ତି ସେମାନେ ହେଉଛନ୍ତି ଭାଗ୍ୟବାନ। ସେ ବୁଢା ଆମ୍ବ ଗଛକୁ ଦେଖ ସେଠାରେ କେହି ଲୋକ ନାହାନ୍ତି, କାହିଁକିନା ତାର ଫଳ ହେଉନାହିଁ।

ତା'ପାଖରେ ଥିବା ସେ ନୂଆ ଆମ୍ବ ଗଛଟିକୁ ଦେଖ ସେଥିରେ ଫଳ ଭର୍ତ୍ତି ହୋଇଛି। ସେଠାରେ ସବୁ ଲୋକ ଅଛନ୍ତି, ଆମ୍ଭେମାନେ ହେଲୁ ସେହି ବୁଢା ଆମ୍ବଗଛ। ହଉ ବାବୁ ତୁମେ କିଛି ଟଙ୍କା ମୋ ଠାରୁ ନିଅ, ଖରାପ ଭାବିବ ନାହିଁ। ମୁଁ ତୁମକୁ ଘୁଷ ଦେଉନାହିଁ, ତୁମେ ଆମ ପାଇଁ ଏତେ ସମୟ ଦେଇଥିବାରୁ ତାହାର ଉପହାର।

ଦରୁଆନ୍ ଚୁପ୍‌ଚାପ୍ ଚାଲିଗଲା ଏବଂ ଭାବିଲା ଏ ବୁଢା ଦୁଇଟା ନିଶ୍ଚିତ ଖରାପ କାମରେ ଲିପ୍ତ ଥିବେ, ତେଣୁ ଘରୁ ପଳାଇ ଆସି ଏଠାରେ ବସିଛନ୍ତି, ତେଣୁ ସିଏ ପଛ ପଟରୁ ଚୁପ୍ କରି ଆସି ତାଙ୍କର କଥା ଶୁଣିଲା। ....

ବୁଝିଲ ବିମଳ ବାବୁ ଏ ଦୁନିଆରେ ଲୋକମାନେ ଆମର ଚାକଚାକ୍ୟ ପୋଷାକକୁ ଦେଖି ଭାବୁଥିବେ, ଏ ବୁଢା ଗୁରାକ ବହୁତ ମସ୍ତିରେ ଅଛନ୍ତି, ମୁଁ ଜାଣିନି ବିମଳ ବାବୁ ଆପଣଙ୍କର ପରିସ୍ଥିତି କେମିତି କିନ୍ତୁ ମୋର ବଞ୍ଚିବାର ଆଉ ସ୍ପୃହା ନାଇଁ, ଖାଲି ମୋ ବୁଢିଟା ପାଇଁ ଯାହା ବଞ୍ଚିଛି। ଜୀବନଟା ଅତି ଦୁର୍ବିସହ ହୋଇଗଲାଣି।

ବିମଳ ବାବୁ ଠୋ ଠୋ ହୋଇ ହସିଲେ ଏବଂ କହିଲେ ଜାଣିଛ ଭାଇ ମୁଁ ଯେତେବେଳେ ଜନ୍ମ ହେଲି ମୋ ମା' କହୁଥିଲା ବାପା ଗୋଟିଏ ବଡ ପାର୍ଟି ଆରେଞ୍ଜ କରିଥିଲେ, ସେତେବେଳେ ଅଜସ୍ର ଟଙ୍କା ଖର୍ଚ୍ଚ ହୋଇଥିଲା। ମୋର ବାପା ଓଏଏସ୍ ଅଫିସର ଥିଲେ । ମୋର ଜନ୍ମ ହେବାର ୪, ୫ ବର୍ଷ ପରେ ମୋର ଗୋଟିଏ କୁନି ଭାଇ ସଂସାରକୁ ଆସିଲା। ଆମେ ଦୁଇ ଭାଇ ବହୁତ ଭଲ ପଢୁଥିଲୁ।

ମୁଁ ଓଏଏସ୍ ଅଫିସର୍ ହୋଇ ଓଡ଼ିଶା ସରକାର ପାଖରେ ଚାକିରି କଲି ଏବଂ ମୋ ସାନ ଭାଇ ବିଟେକ୍ କରି ବିଦେଶ ପଳାଇଲା। ସିଏ ସେଠାରେ ଗୋଟିଏ ବିଦେଶିନୀକୁ ବାହା ହୋଇ ରହିଲା। ମୋର ଏହିଠାରେ ବିଭାଘର ହୋଇଗଲା, ବାପା ବହୁତ ଧୁମ୍‌ଧାମ୍‌ରେ ବିଭାଘର କରାଇଦେଲେ। ସାନ ଭାଇ କିନ୍ତୁ ଆସିଲାନାହିଁ। ମୋ ବିଭାଘରରେ ସାନ ଭାଇ ନଆସିବାରୁ ମନ ଦୁଃଖ କରୁଛି ବୋଲି ମୋ ବାପା ମୋତେ ପଚାରିଲେ। ମୁଁ ମୋର ଦୁଃଖ ବିଷୟରେ କାହାକୁ କହେନାହିଁ, ତେଣୁ ବାପାଙ୍କୁ ବୁଝେଇ ଦେଲି ଏବଂ ମିଛ କହିଦେଲି, ନାଇଁ ବାପା ସିଏ ମୋତେ ଫୋନ୍ କରିଥିଲା ଏବଂ କହିଲା ଭାଇ ଅଫିସ୍ କାମରେ ବ୍ୟସ୍ତ ଥିବାରୁ ଯାଇପାରୁନାହିଁ, ପରେ ସୁବିଧା ଦେଖି ତମ ଭାଇ ବୋହୂକୁ ନେଇ ବୁଲି ଆସିବି।

ବାପା ଏକ ପ୍ରକାର ଆଶ୍ୱସ୍ତ ହେଲେ। ଏହା ଭିତେର ମୋର ବିଭାଘର ୬ ବର୍ଷ ହୋଇଗଲାଣି, ମୋର ଦୁଇଟି ଝିଅ ହୋଇଥିଲେ। କିନ୍ତୁ କୌଣସି ଉତ୍ସବରେ ସାନ ଭାଇ କିଛି ବାହାନା କରି ରହିଯାଏ। ସାନ ଭାଇର ଦୁଇଟା ପୁଅ ହୋଇଥିଲେ, ତେଣୁ ମୁଁ ଆଉ ଚାହୁଁ ନଥିଲି ଆମ ଘରେ ଆଉ ମୋର ପୁଅ ସନ୍ତାନ ହେଉ। ଏହା ଭିତରେ ମୋ ସ୍ତ୍ରୀର ପିଲାପିଲି ହେବ ବୋଲି ବାପା, ବୋଉ ଜାଣିଲେ, ସେମାନେ ବହୁତ ଖୁସି ହେଲେ, କାରଣ ଆମ ଘରେ ଗୋଟିଏ ପୁଅ ନଥିଲା। ଏହା ଥିଲା ମୋର ସବୁ ଇଚ୍ଛା ବିରୁଦ୍ଧ।

ବାପା, ବୋଉଙ୍କୁ ନକହି ମୁଁ ମୋ ସ୍ତ୍ରୀକୁ ନେଇ ଡକ୍ଟରଙ୍କ ପାଖରେ ଅଲ୍ଟ୍ରାସାଉଣ୍ଡ କଲି ଏବଂ ଜାଣିବାକୁ ପାଇଲି ତା ପେଟରେ ପୁଅ ଅଛି। ମୋ ସ୍ତ୍ରୀ ପଚାରିଲା କ'ଣ ଅଛି, ମୁଁ ମିଛ କହିଲି କି ଝିଅଟିଏ ଅଛି ଏବଂ ବିକଳାଙ୍ଗ ହବାର ସମ୍ଭାବନା ଅଛି। ସିଏ ବହୁତ କାନ୍ଦିଲା। ତାଙ୍କୁ ବୁଝା ବୁଝି କରି ଆବର୍ସନ କରିଦେଲି ।

ବାପା ବୋଉ ଆମକୁ ଅପେକ୍ଷା କରିଥାଆନ୍ତି। ମୁଁ ବାପା, ବୋଉଙ୍କୁ ମିଛ କହିଦେଲି ଏହାର ପିଲା ନଷ୍ଟ ହୋଇଗଲା। ସେମାନେ ବହୁତ ମନ ଦୁଃଖ କଲେ କିନ୍ତୁ ମୋତେ ପାପ କଲାପରି ଲାଗୁଥିଲା।

ଆମ ପରିବାରରେ ତ ସାନ ଭାଇର ଦୁଇଟା ପୁଅ ଅଛନ୍ତି, ଆଉ ପୁଅର ଆବଶ୍ୟକତା ନାହିଁ ଏବଂ ଅଧିକା ପୁଅ ହେଲେ ଗଣ୍ଡଗୋଳ ହେବାର ସମ୍ଭାବନା ଅଛି।

ଏହା ଭିତରେ କିଛି ବର୍ଷ ବିତିଯାଇଥିଲା। ମୋର ପିଲାମାନେ କଲେଜରେ ପାଠ ପଢିବା ଆରମ୍ଭ କରିଦେଇଥିଲେ। ମୋର ବାପା, ବୋଉକୁ ମଧ୍ୟ ବହୁତ ବୟସ ହୋଇଯାଇଥିଲା। ସେ ଦୁଇ ଜଣ ଯାକ ଆଗ ପଛ ହୋଇ ଆର ପାରିକୁ ଚାଲିଗଲେ। ମୋର ସାନ ଭାଇଙ୍କୁ ଖବର ଦେଲେ ମଧ୍ୟ ଆସିଲାନାହିଁ।

ବାପା, ମା' ଚାଲିଯିବାର ୧ ବର୍ଷ ପରେ ମୋ ସାନ ଭାଇ ଓଡ଼ିଶା ଆସିଲା। ବାପା, ମା'ଙ୍କ ବିୟୋଗରେ ମୁଁ ବହୁତ ଭାଙ୍ଗି ପଡିଥିଲି ତେଣୁ ସାନ ଭାଇକୁ ଦେଖି ମୋର ଏକ ରକମ ସାହସ ଆସିଗଲା।

ରାତରେ ଦୁଇଭାଇ ଏକା ସାଙ୍ଗେର ଖାଇବା ପିଇବା ସାରିଲା ପେର ମୋ ସାନ ଭାଇ ମୋତେ ଏକୁଟିଆ ଡାକି କହିଲା, ଭାଇ -ବାପା, ମା ତ ଚାଲିଗଲେଣି, ମୁଁ ଭାବୁଛି ଆମେ ଦୁଇ ଭାଇ ଅଲଗା ହୋଇଯିବା ଏବଂ ବାପାଙ୍କ ସମ୍ପତ୍ତି ଅଧା ଅଧା କରିଦେବା। ମୁଁ କିଛିସମୟ ନିରବ ରହି ସାନ ଭାଇକୁ ପଚାରିଲି, ତୋର କ'ଣ ଟଙ୍କା ନିହାତି ଦରକାର ଅଛି, କେତେ ଦରକାର କ'ହ ? ମୁଁ ଝିଅ ବିଭାଘର ପାଇଁ ରଖିଛି ନେଇଯିବୁ। ସିଏ ମୋ ସହିତ ଏକ ମତ ହେଲା ନାହିଁ। ତାର ଗୋଟିଏ ଜିଦ୍ ଥିଲା ମୋ ଠାରୁ ଅଲଗା ହେବ। ଅନ୍ୟ ଉପାୟ ନ ପାଇ ମୁଁ ତାକୁ କହିଲି ବାପାଙ୍କର ଯେତ ସମ୍ପତ୍ତି ଅଛି ତୁ ନେଇଯା ଏବଂ ମୁଁ ବସାଘରକୁ ଚାଲିଯାଉଛି।

ବହୁତ ରାତି ହୋଇ ଯାଇଥିଲା। ଦୁଇ ଭାଇ ନିଜ ନିଜ ରୁମ୍‌କୁ ଚାଲିଗଲୁ।

୧୦ଦିନ ଭିତରେ ମୁଁ ବସାଘର ପାଇଁ ଆବେଦନ କରି ମୋ ଝିଅ ଏବଂ ସ୍ତ୍ରୀକୁ ଧରି ଚାଲିଗଲି। ମୋର ପରିବାରର ସଦସ୍ୟମାନେ ବିନା ଦ୍ୱିଧାରେ ମୋ ସହିତ ଚାଲିଗଲେ। କିଛି ଦିନ ପରେ ମୁଁ ଶୁଣିବାକୁ ପାଇଲି, ମୋ ସାନ ଭାଇ ବାପାଙ୍କ ଘର ଏବଂ ସବୁ ସମ୍ପତ୍ତି ବିକି ତା ପରିବାର ଧରି ବିଦେଶ ଚାଲିଯାଇଛି। ଏତେ ବୋକା ସିଏ ଗଲାବେଳେ ମୋତେ ଟିକେ ହେଲେ ଦେଖା କଲା ନାହିଁ। ସିଏ ଭାବିଥିଲା ମୁଁ ତାକୁ ଟଙ୍କା ମାଗିବି। ମୋର ଭାଇ ତ ନିଜର ହେଲା ନାହିଁ, ଟଙ୍କା ମୋର କ'ଣ ହେବ ? ହଉ ଭଗବାନ ତାକୁ ଶକ୍ତି ଦିଅନ୍ତୁ, ଭଲରେ ରଖନ୍ତୁ।

ଗୋପାଳ ବାବୁ, ବିମଳ ବାବୁଙ୍କ କାନ୍ଧରେ ହାତ ପକାଇ ପଚାରିଲେ ତାପରେ କ'ଣ ହେଲା ଭାଇ କୁହ।

ବିମଳ ବାବୁ ଆଖିରୁ ଲୁହ ପୋଛୁ ପୋଛୁ କହିଲେ, ଭାଇ ମୋର ଛୁଆ ବେଳର ଇଂରାଜୀ ଢଗ କଥା ମନେ ପଡିଗଲା "Do work for others don't expect any return."

ଏହିପରି ମୋ ସୁଖ ଦୁଃଖର ଡଙ୍ଗାଟି ଆଗକୁ ବଢି ଚାଲିଲା। କିଛି ବର୍ଷ ପରେ ମୋର ଦୁଇ ଝିଅଙ୍କ ବିଭାଘର ହୋଇଗଲା। ଭଲ ଘର ଭଲ ପାତ୍ର ଏବଂ ଭଲ ପରିବାର ଥିଲା। ମୋ ସାନ ଭାଇ କିନ୍ତୁ ଆସିଲା ନାହିଁ। ଦୁଇ ଦୁଇଟା ଗିଫ୍ଟ ଭାଉଚର ୧୦,୦୦୦ଟଙ୍କାର ଦୁଇ ଝିଆରିଙ୍କ ପାଇଁ ପଠାଇ ଦେଇଥିଲା। ଯାହା ହେଉ ସମ୍ପର୍କ ରଖି କିଛିଟା ଠିକ୍ କଲା।

ଝିଅର ବିଭାଘର ସରିବାର ୪ ବର୍ଷ ପରେ ମୋର ଅବସର ହୋଇଗଲା। ମୁଁ ଗୋଟିଏ ଭଡା ଘର ନେଇ ଆମେ ବୁଢାବୁଢି ସରକାରୀ ଘରୁ ସିଫ୍ଟ କରିଗଲୁ। ପେନ୍‌ଶନ୍ ଟଙ୍କାରେ ମୋର କୌଣସି ମତେ ଚଳିଯାଏ। କୌଣସି ଦିନ ମୁଁ କାହା ପାଖରେ ହାତ ପତାଇ ନଥିଲି। ତା'ପର ବର୍ଷ ରଜକୁ ଦୁଇଝିଅ ଏବଂ ଜୋଇଁଙ୍କୁ ନିମନ୍ତ୍ରଣ କରିଥିଲି। ସେମାନେ ଆସିଲେ ଏବଂ ବହୁତ ଖୁସିରେ ରଜ ପାଳିଲୁ। ମୁଁ ସବୁ ସମ୍ପତ୍ତି ସାନ ଭାଇକୁ ଦେଇଥିବାରୁ ମୋତେ ପରିବାରର ସମସ୍ତେ ଦୋଷାରୋପ କଲେ। ମୁଁ ନିରବ ରହିଲି। ମୋ ନିରବତାକୁ ସହ୍ୟ କରିପାରିଲା ନାହିଁ ମୋ ସ୍ତ୍ରୀ, ମୋ ସହିତ ବହୁତ କଳି କଲା। ମୁଁ ତାକୁ କହିଲି ଦେଖ କୌଣସି ମଣିଷ ତାର ପ୍ରକୃତି ଛାଡିପାରିବ ନାହିଁ। ଆଉ ଯଦି ଛାଡିବ କିଛି କିଛି ଛାଡିପାରିବ, ତେଣୁ ମୁଁ ମଧ୍ୟ ସେଇ ମଣିଷ; କେମିତିକା ସେ ସୃଷ୍ଟିର ନିୟମରୁ ବାହାର ହେବି। ମୋର ଧନ ଦରକାର ନାହିଁ, ମୋର ଜନ ଦରକାର, ଯଦି ମୋ ଭାଗ୍ୟରେ ଧନ ଏବଂ ଜନ ନାହିଁ ତାହେଲେ ମୁଁ ହତଭାଗ୍ୟ। ମୋ ବାପାଙ୍କ ସମ୍ପତ୍ତି ମୁଁ କାହାକୁ ଦେବି ସେଇଟା ମୋ ଉପରେ ନିର୍ଭର କରୁଛି। ସେଥିରେ କାହାର ହସ୍ତକ୍ଷେପ କରିବା ଉଚିତ୍ ନୁହେଁ। ମୋର ଏଇ କେଇପଦ କଥା ମୋ ଦୁଇ ଝିଅ ଜ୍ୱାଇଁଙ୍କୁ ବାଧିଲା ବୋଧହୁଏ, ସେମାନେ ତା ପର ଠାରୁ ଆମ ଘରକୁ ଆସିବା ବନ୍ଦ କରିଦେଲେ।

ମୋ ସ୍ତ୍ରୀ ଦୁଇ ଝିଅଙ୍କ ସହିତ ଯୋଗାଯୋଗ କରୁଛି, କିନ୍ତୁ ମୋ ସହିତ କେହି କଥା ହେଉନାହାନ୍ତି। ଭାଇ, ମିଛ ମାୟା ସଂସାର କେହି ନୁହେଁ କାହାର। ଟଙ୍କା ଥିଲେ ସବୁ ନିଜର। ଦୀର୍ଘ ନିଶ୍ୱାସ ମାରିଲେ ବିମଳ ବାବୁ ଏବଂ କହିଲେ ଗୋପାଳ ବାବୁ ସତ କୁହନ୍ତୁ ପ୍ରକୃତେର ଧନ କ'ଣ ସବୁଠାରୁ ବଡ। ମୁଁ ବୁଝିପାରେନି ଏ ଦୁନିଆ ଧନ ପଛରେ କାହିଁକି ଗୋଡାଉଛି। ଏଇ ଦେଖୁନାହାନ୍ତି ମୋର ଜନ୍ମ କଲା ଝିଅ ଯଦି ମୋ ସହିତ ଏଇ ଧନ ପାଇଁ ୧ ବର୍ଷ ହେଲା କଥା ହେଲା ନାହିଁ ତାହେଲେ ମୋର ସାନ ଭାଇ ମୋ ଠାରୁ ଅଲଗା ହୋଇ ମୋ ସହିତ ସମ୍ପର୍କ ନ ରଖିଲା ସେଥିରେ ଅସୁବିଧା କେଉଁଠି ରହିଲା। ଦୀର୍ଘ ନିଶ୍ୱାସ ମାରି କହିଲେ, ହିନ୍ଦିରେ କହାବତ୍ ନାହିଁ "ହମ୍ ରୋଜ ଉଦାସ ହୋ ଯାତେ ହେଁ, ରାତ ଗୁଜର ଯାତା ହେଁ", କିସି ଦିନ୍ ରାତ୍ ଉଦାସ୍ ହୋ ଜାଏଗି ହମ୍ ଗୁଜର ଯାଏଙ୍ଗେ।" ଗୋପାଳ ବାବୁ ବିମଳ ବାବୁଙ୍କ ହାତ ଧରି ପକାଇ କହିଲେ; ଭାଇ କାହିଁକି ଏତେ ବ୍ୟସ୍ତ ହଉଛ ପ୍ରଭୁଙ୍କ ଦୟାରୁ ସବୁ ଠିକ୍ ହୋଇଯିବ, ହଁ ଶୁଣନ୍ତୁ ଆଜି ତ ରାତି ୮ଟା ହୋଇଗଲାଣି, କାଲି ଆମେ ଆସି ବସିଲେ ମୁଁ ମୋର ଦୁଃଖ କାହାଣି କହିବି ଏବଂ କିଛିଟା ଆଶ୍ୱସ୍ତି ପାଇବି। ଚାଲନ୍ତୁ ଯିବା। ଦୁଇ ବନ୍ଧୁ ହାତ ଧରାଧରି ହୋଇ ଗେଟ୍ ଆଡକୁ ମୁହାଁଇଲେ।

ଦରୁଆନ୍ ଚୁପ୍ କରି ସେଠାରୁ ପଳାଇ ଆସି କିଛି ନ ଜାଣିଲା ଭଳି ଗେଟ୍ ପାଖରେ ଠିଆ ହୋଇଗଲା। ଗୋପାଳ ବାବୁ ଏବଂ ବିମଳ ବାବୁ ଗେଟ୍ ବାହାରକୁ ବାହାରିଲା ପରେ ଦରୁଆନ୍ ତାଳା ପକାଇ ଦୁଇ ବାବୁଙ୍କୁ ଡାକିଲା "ଆଜ୍ଞା ଟିକେ ଶୁଣିବେ", ଦୁଇ ବନ୍ଧୁ ଅଟକି ଗଲେ। ଦରୁଆନ୍ ମୋଡା ହୋଇଥିବା ଟଙ୍କାଟା ଗୋପାଳ ବାବୁଙ୍କ ହାତକୁ ବଢାଇ ଦେଇ କହିଲା ଆଜ୍ଞା ମୁଁ ମୋ ଦରମା ପାଉଛି, ତେଣୁ ଏ ଟଙ୍କା ଆପଣଙ୍କ ଠାରୁ ନେବାଟା ମୋ ପାଇଁ ଠିକ୍ ହେବ ନାହିଁ। ମୁଁ ଏ ଟଙ୍କା ଠାରୁ ଅଧିକ ମୂଲ୍ୟବାନ ଜିନିଷ ଆପଣମାନଙ୍କ ଠାରୁ ପାଇଛି।" ଦୁଇ ବନ୍ଧୁ ପରସ୍ପରକୁ ଅନେଇ ରହିଲେ ଏବଂ ହାତ ଧରାଧରି ହୋଇ ଆଗକୁ ଚାଲିଲେ।

ତା ପରଦିନ ପାର୍କରେ ଚିରାଚରିତ ଭିଡ ଲାଗିଥିଲା ଏବଂ ସନ୍ଧ୍ୟା ୬ଟା ବେଳକୁ ଦରୁଆନ୍‌ର କଡା ତାଗିଦ୍ ଆସିଲା,

"ଆଜ୍ଞାମାନେ ଗେଟରେ ତାଲା ପଡିବ, ଆପଣମାନେ ବାହାରକୁ ଚାଲିଯାଆନ୍ତୁ।"

ହଠାତ୍ ତାର ମନେ ପଡିଲା ଗତ କାଲି ରାତିର ସେଇ ଦୁଇ ବୃଦ୍ଧଙ୍କ କଥା। ସେ ଦୌଡିଲା ସେଇ କୋଣରେ ଥିବା ବେଂଚ ପାଖକୁ। ଆଜି କିଛି ଭଲ କଥା ଶୁଣିବ। ସେଠାରେ ଦେଖିଲା ଜଣେ ବୁଢା ବାବୁ ବସିଛନ୍ତି। ସିଏ ସାହସ କରି ପଚାରିଲା "ବାବୁ ଆପଣଙ୍କ ସାଙ୍ଗ ବାବୁ କାହାନ୍ତି, ଆଜି କ'ଣ ରାତି ୮ଟା ବେଳ ପର୍ଯ୍ୟନ୍ତ ବସିବେ ? ଗୋପାଳ ବାବୁ କାନ୍ଦି କାନ୍ଦି କହିଲେ ନାଇଁରେ ବାବୁ ସିଏ ଆଉ ଆସିବ ନାହିଁ ମୋର ଦୁଃଖ ଶୁଣିବା ପାଇଁ। କାଲି ହୃଦ୍‌ଘାତରେ ସିଏ ଚାଲିଗଲେ ଆରପାରିକୁ। ମୋର ବହୁତ ଭଲ ସାଙ୍ଗ ଥିଲେ। ଭଲ ମରଣ ହେଲା। ମୁଁ ଭଗବାନଙ୍କୁ ଡାକୁଛି ହେ ପ୍ରଭୁ ମୋତେ ମଧ୍ୟ ଏ ଜଞ୍ଜାଳରୁ ମୁକ୍ତ କରନ୍ତୁ। ସଂସାର ପ୍ରତି ବିତୃଷ୍ଣା ଆସିଲାଣି। କାଲି ଯାହା କହୁଥିଲେ "ହମ୍ ରୋଜ ଉଦାସ ହୋ ଯାତେ ହେଁ, ରାତ ଗୁଜର ଯାତା ହେ", କିସି ଦିନ୍ ରାତ୍ ଉଦାସ୍ ହୋ ଜାଏଗି ହମ୍ ଗୁଜର ଯାଏଙ୍ଗେ।

ଦରୁଆନ୍ ବିମଳ ବାବୁଙ୍କୁ କହିଲା, ବାବୁ ଆଜି ତ ଆପଣଙ୍କ ସାଙ୍ଗ ନାହାନ୍ତି ଆପଣ ଏକୁଟିଆ କାହିଁକି ବସିବେ ଘରକୁ ଚାଲିଯାଆନ୍ତୁ। ବିମଳ ବାବୁ କିଛି ଉତ୍ତର ଦେଲେ ନାହିଁ। ଦରୁଆନ୍ ବାବୁଙ୍କୁ ଧରି ହଲାଇଦେଲା। ବିମଳ ବାବୁଙ୍କ ଅବଶ ଦେହ ବେଞ୍ଚ ଉପରେ ଲୋଟି ପଡିଲା।

*ସହିଦ ନଗର, ଭୁବନେଶ୍ୱର*
*ମୋ-୯୪୩୯୩୦୨୭୨୯*

# ଅଧା ରହିଗଲା ସିନ୍ଧୁଙ୍କ ୬ଷ୍ଠ ମେଡାଲର ସ୍ୱପ୍ନ



**ନୂଆଦିଲ୍ଲୀ**

ବିଶ୍ୱ ଚାମ୍ପିୟନସିପରେ ନିଜର ୬ଷ୍ଠ ପଦକ ଜିତିବା ଲକ୍ଷ୍ୟରେ ଥିବା ଭାରତର ଷ୍ଟାର ସଟଲର ପିଭି ସିନ୍ଧୁଙ୍କୁ ବଡ଼ ଝଟ୍‌କା ଲାଗିଛି । ଶୁକ୍ରବାର ସେ କ୍ୱାର୍ଟର ଫାଇନାଲରେ ବିଶ୍ୱର ୯ ନମ୍ବର ଖେଳାଳି ଇଣ୍ଡୋନେସିଆର ପୁଟ୍ରି କୁସୁମା ୱାର୍ଡାନିଙ୍କ ଠାରୁ ହାରି ଯାଇଛନ୍ତି ।

କୁସୁମାଙ୍କୁ ସିନ୍ଧୁ କଡ଼ା ଟକ୍କର ଦେଇଥିଲେ ହେଁ ୧-୨ ସେଟ୍‌ରେ ପରାସ୍ତ ହୋଇଛନ୍ତି । ଦୁଇ ସଟଲରଙ୍କ ମଧ୍ୟରେ ଦୀର୍ଘ ୧ ଘଣ୍ଟା ୨ ମିନିଟ ଧରି ଲଢ଼େଇ ଦେଖିବାକୁ ମିଳିଥିଲା । ଶେଷରେ କୁସୁମା ୨୧-୧୪, ୧୩-୨୧ ଓ ୨୧-୧୬ରେ ସିନ୍ଧୁଙ୍କୁ ହରାଇ ସେମି ଫାଇନାଲରେ ପ୍ରବେଶ କରିଛନ୍ତି । ଏଥିସହ ନିଜ ପାଇଁ ପଦକ ମଧ୍ୟ ପକ୍କା କରିଛନ୍ତି ।

ପ୍ୟାରିସରେ ଚାଲିଥିବା ବିଶ୍ୱ ଚାମ୍ପିୟନସିପର କ୍ୱାର୍ଟର ଫାଇନାଲରେ ୩୦ ବର୍ଷୀୟ ସିନ୍ଧୁ ପ୍ରି-କ୍ୱାର୍ଟର ଫାଇନାଲରେ ବିଶ୍ୱର ଦୁଇ ନମ୍ବର ସଟଲର ୱାଙ୍ଗ ଝି ୟିଙ୍କୁ ଜଲକା କରିଥିଲେ । ସିନ୍ଧୁ ତାଙ୍କୁ ସିଧାସଳଖ ୨-୦ ସେଟରେ ମାତ ଦେଇ ବିଶ୍ୱ ଚାମ୍ପିୟନସିପରୁ ବିଦା କରିଥିଲେ । ଏଥିସହ ୨୦୨୧ ପରେ ପ୍ରଥମଥର ପାଇଁ ବିଶ୍ୱ ଚାମ୍ପିୟନଶିପର କ୍ୱାର୍ଟର ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଥିଲେ ।

କ୍ୱାର୍ଟର ଫାଇନାଲର ପ୍ରଥମ ସେଟ୍‌କୁ ବିଶ୍ୱର ୧୫ନମ୍ବର ସ୍ଥାନରେ ଥିବା ସିନ୍ଧୁ ୧୪-୨୧ରେ ହାରି ଯାଇଥିଲେ । କିନ୍ତୁ ଦ୍ୱିତୀୟ ସେଟରେ ଜବରଦସ୍ତ କମବ୍ୟାକ କରିଥିଲେ । ଏଥିସହ ସେ ସେଟକୁ ୨୧-୧୩ରେ ଜିତି ନେଇଥିଲେ । ସ୍ଥିତି ୧-୧ ରହିବାରୁ ମ୍ୟାଚ୍ ଫାଇନାଲ ସେଟକୁ ଯାଇଥିଲା । ଏହି ସେଟ୍‌ରେ ଦୁଇ ଖେଳାଳିଙ୍କ ମଧ୍ୟରେ କଡ଼ା ଟକ୍କର ହୋଇଥିଲା । କେହି ବି ପରସ୍ପରକୁ ବାଟ ଛାଡ଼ି ନଥିଲେ । ୧୫ ପଏଣ୍ଟ ଯାଏ ସଂଘର୍ଷ ଚାଲିଥିଲା । ଏହାପରେ କୁସୁମା ଆଗେଇ ଯାଇଥିଲେ । ସିନ୍ଧୁ ତାଙ୍କୁ ଅଟକାଇଥିଲେ ହେଁ ଏହା ସମ୍ଭବ ହୋଇ ନଥିଲା । ଶେଷରେ ସେ ତୃତୀୟ ସେଟକୁ ୨୧-୧୬ରେ ଜିତି ନେଇଥିଲେ । କୁସୁମା ଜିତିବାରୁ ବିଶ୍ୱ ଚାମ୍ପିୟନସିପରେ ସିନ୍ଧୁଙ୍କ ୬ଷ୍ଠ ମେଡାଲ ହାତେଇବା ସ୍ୱପ୍ନ ଚୂରମାର ହୋଇଯାଇଥିଲା ।

# ବିଜୟ ସହ ଏସିଆ କପ୍ ଯାତ୍ରା ଆରମ୍ଭ କଲା ଭାରତ






**ନୂଆଦିଲ୍ଲୀ**

ଭାରତ ଶୁକ୍ରବାର ବିଜୟ ସହ ଏସିଆ କପରେ ନିଜ ଯାତ୍ରା ଆରମ୍ଭ କରିଛି । ଅଧିନାୟକ ହରମନପ୍ରୀତ ସିଂହଙ୍କ ତିନି ଗୋଲ୍ ବଳରେ ଭାରତୀୟ ଟିମ୍ ଚୀନ୍‌କୁ ୪-୩ରେ ପରାସ୍ତ କରିଛି । ଭାରତ ପାଇଁ କ୍ୟାପ୍ଟେନ ହରମନପ୍ରୀତ ସିଂହଙ୍କ ବ୍ୟତୀତ ଜୁଗରାଜ ସିଂହ ଗୋଟିଏ ଗୋଲ୍ କରିଥିଲେ ।

ପ୍ରଥମ କ୍ୱାର୍ଟର ୦-୧ ପଛରେ ରହିବା ପରେ ଭାରତ ଦୁଇ ମିନିଟ୍ ଭିତରେ ଦୁଇ ଗୋଲ୍ ଦେଇ ମ୍ୟାଚ୍‌ର ପ୍ରଥମାର୍ଦ୍ଧରେ ୨-୧ରେ ଆଗୁଆ ରହିଥିଲା । ମ୍ୟାଚ୍‌ର ଦ୍ୱିତୀୟାର୍ଦ୍ଧର ତୃତୀୟ ମିନିଟ୍‌ରେ ଅଧିନାୟକ ହରମନପ୍ରୀତ ଦ୍ୱିତୀୟ ଗୋଲ୍ କରିଥିଲେ । ଏହାର ଦୁଇ ମିନିଟ୍ ପରେ ଚୀନ ଆକ୍ରାମକ ଖେଳ ଦେଖାଇ ଦ୍ୱିତିୟ ଗୋଲ୍ କରିଥିଲା । ଶେଷ କ୍ୱାର୍ଟରରେ ଦୁଇ ଟିମ୍ ବରାବାର ସ୍ଥିତିରେ ଥିଲେ । କିନ୍ତୁ ହରମନପ୍ରୀତ ୪୭ତମ ମିନିଟ୍‌ରେ ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରି ଭାରତକୁ ବିଜୟୀ କରାଇଥିଲେ । ଭାରତର ଅଧିନାୟକ ହରମନପ୍ରୀତ ସିଂହ ୨୦ ମିନିଟ୍, ୩୩ ମିନିଟ୍ ଓ ୪୭ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ଗୋଲ୍‌ରେ ପରିଣତ କରିବାରେ ସଫଳ ହୋଇଥିଲେ । ଅନ୍ୟପଟେ ଜୁଗରାଜ ସିଂହ ୧୮ତମ ମିନିଟ୍‌ରେ ଗୋଲ୍ ଦେଇଥିଲେ । ଚୀନ ପାଇଁ ଡୁ ଶିହାଓ (୧୨ ମିନିଟ୍), ଚେନ୍ ବେନହାଇ (୩୫ ମିନିଟ୍) ଓ ଗାଓ ଜିଶେଙ୍ଗ (୪୨ ମିନିଟ)ରେ ଚୀନ ପାଇଁ ଗୋଲ୍ କରିଥିଲେ । ପୁରୁଷ ଏସିଆ କପ୍‌ର ଆୟୋଜନ ଶୁକ୍ରବାରଠାରୁ ବିହାରର ରାଜଗିରରେ ଆରମ୍ଭ ହୋଇଛି । ରାଜଗିର ସ୍ଥିତ ଅନ୍ତର୍ଜାତୀୟ ଖେଳ ପରିସରରେ ଏହି ଟୁର୍ଣ୍ଣାମେଣ୍ଟ ଅଗଷ୍ଟ ୨୯ରୁ ଆରମ୍ଭ ହୋଇ ସେପ୍ଟେମ୍ବର ୭ ଯାଏ ଶେଷ ହେବ । ଏହି ଟୁର୍ଣ୍ଣାମେଣ୍ଟର ବିଜୟୀ ଟିମ୍ ?କୁ ୨୦୨୬ ଅନ୍ତର୍ଜାତୀୟ ହକି ମହାସଂଘ ହକି ବିଶ୍ୱକପରେ ସିଧା ପ୍ରବେଶ ମିଳିବ । ବର୍ତ୍ତମାନ ସୁଦ୍ଧା ୧୧ଟି ଏସିଆ କପ୍ ଟୁର୍ଣ୍ଣାମେଣ୍ଟ ଖେଳା ଯାଇଛି, ଯେଉଁଥିରେ କୋରିଆ ୫ ଥର, ଭାରତ-ପାକିସ୍ତାନ ତିନି ଥର ଲେଖାଏଁ ବିଜୟୀ ହୋଇଛନ୍ତି ।

# ଭିଏସ୍‌ଏସ୍ ଷ୍ଟାଡ଼ିୟମରେ ନିର୍ମିତ କବାଡ଼ି ପଡ଼ିଆ ସାଜିଛି ଅଳିଆ ଗଦା

**ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ**



ପଶ୍ଚିମ ଓଡିଶାର ପ୍ରାଣକେନ୍ଦ୍ର ସମ୍ବଲପୁର ସହରରେ କବାଡ଼ି ଖେଳର ଏକ ବିଶେଷ ପ୍ରସିଦ୍ଧି ଥିଲା । ଏହି ମାଟିରୁ ଜନ୍ମ ହୋଇ ରାଜ୍ୟ ସ୍ତରରେ ନାମ କରିବା ସହ ରାଷ୍ଟ୍ରୀୟ ସ୍ତରରେ ମଧ ଖେଳିବାର ସୁଯୋଗ ପାଇଛନ୍ତି ଅନେକ କବାଡ଼ି ଖେଳାଳି । କିନ୍ତୁ କବାଡ଼ି ଖେଳ ତଥା ଖେଳାଳିଙ୍କ ପାଇଁ ଆଜି ଯାଏ ବିଶେଷ ସୁବିଧା ଯୋଗାଇ ପାରିନାହାନ୍ତି ସରକାର । କେନ୍ଦ୍ର ସରକାର କ୍ରୀଡ଼ାର ବିକାଶ ପାଇଁ କାର୍ଯ୍ୟ କରୁଥିବା ବେଳେ ଆଜି ପର୍ଯ୍ୟନ୍ତ ସମ୍ବଲପୁରର ଐତିହ୍ୟ କବାଡ଼ି ଖେଳର ବିକାଶ ପାଇଁ ଭିତ୍ତିଭୂମି ସୃଷ୍ଟି ହୋଇପାରିନଥିବା ଦୁର୍ଭାଗ୍ୟର ବିଷୟ ପାଲଟିଛି ।ବିଗତ ଦିନରେ ସମ୍ବଲପୁର ମାଟି କବାଡ଼ି ଖେଳ ପାଇଁ ଅନେକ ସୁନାମ ଆଣିଛି । କବାଡ଼ି ଖେଳରେ ସମ୍ବଲପୁର ସହରରେ ଦ୍ରୋଣାଚାର୍ଯ୍ୟ କୁହାଯାଉଥିବା ସୁରେଶ ସେଠଙ୍କର ବିୟୋଗ ପରେ ଆୟୋଜିତ ଶୋକସଭାରେ ପ୍ରସ୍ତାବ କ୍ରମେ ଭିଏସ୍‌ଏସ୍ ଷ୍ଟାଡିୟମରେ ଓ ମନ୍ଦାକିଆ ପଡ଼ିଆରେ ୨ଟି କବାଡ଼ି ପଡ଼ିଆ ନିର୍ମାଣ ପାଇଁ ତତ୍କାଳୀନ ଜିଲାପାଳ ବଳଓ୍ୱନ୍ତ ସିଂଙ୍କର ପ୍ରୟାସ କ୍ରମେ କିଛିଟା ଅଗ୍ରଗତି ହୋଇଥିଲା । ଭିଏସଏସ ଷ୍ଟାଡିୟମରେ ତତ୍କାଳୀନ ଲୋକସଭା ସାଂସଦ ନଗେନ୍ଦ୍ର ପ୍ରଧାନଙ୍କର ସାଂସଦ ପାଣ୍ଠିରୁ ୯ ଲକ୍ଷ ୮୭ ହଜାର ଟଙ୍କା ବ୍ୟୟ ଅଟକଳରେ ଏକ କବାଡି ପଡିଆ ନିର୍ମିତ ହୋଇଥିଲା । କିନ୍ତୁ ଏତେ ଅର୍ଥ ବ୍ୟୟରେ ନିର୍ମିତ ପଡ଼ିଆଟି ଏବେ ଅଳିଆଗଦାରେ ପରିଣତ ହୋଇଯାଇଛି । କବାଡ଼ି ଖେଳ ଓ ଖେଳାଳିଙ୍କୁ ପ୍ରୋତ୍ସାହନ ଦେବା ପାଇଁ ସମ୍ବଲପୁରରେ ଏକ କବାଡି ଇଣ୍ଡୋର ହଲର ଅବଶ୍ୟକତା ରହିଛି । ଧୀରେ ଧୀରେ କବାଡ଼ି ଖେଳରେ ଯେମିତି ଉନ୍ନତି ଆସିଲାଣି, ବିନା ଟର୍ଫ ଆଉ ବିନା ଜୋତାରେ କବାଡ଼ି ହେଉନାହିଁ । ଖେଳର ଆବଶ୍ୟକତାକୁ ଦୃଷ୍ଟିରେ ରଖି କବାଡି ପାଇଁ ସମ୍ବଲପୁର ସହରରେ ଏକ ଇଣ୍ଡୋର ହଲ୍ / ଷ୍ଟାଡିୟମର ଆବଶ୍ୟକତା ରହିଛି ବୋଲି ସାଧାରଣରେ ଦାବି ହୋଇଛି ।

# ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ପାଳନ ଅବସରରେ ସୁବର୍ଣ୍ଣପୁରରେ ଜାତୀୟ କ୍ରୀଡ଼ା ଦିବସ




**ସୋନପୁର, ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ସୁବର୍ଣ୍ଣପୁର ମିନି ଷ୍ଟାଡିୟମ ସୁଇମିଂ ପୋଲରେ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ପାଳନ କରାଯାଇଛି । ମୁଖ୍ୟ ଅତିଥି ଭାବରେ ଅତିରିକ୍ତ ଜିଲ୍ଲାପାଳ ଅଞ୍ଜଳିନା ପଧାନ ଯୋଗ ଦେଇ ଧ୍ୟାନଚାନ୍ଦଙ୍କ ଫଟୋ ଚିତ୍ରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ଏହି ପ୍ରବାଦ ପୁରୁଷଙ୍କ ପରି ସମସ୍ତ ଖେଳାଳି ଅନୁକରଣ କରିବାକୁ ଓ ଦେଶର ନାଁ ରଖିବାକୁ ପ୍ରେରଣା ପ୍ରଦାନ କରିଥିଲେ । କ୍ରୀଡ଼ା ଅଧିକାରୀ ଚିତ୍ତ ରଞ୍ଜନ ମିଶ୍ର ସଭା ସଂଯୋଜନା କରିଥିବା ବେଳେ ସ୍ୱଚ୍ଛ ଭାରତ ସଂଗଠନ ସ୍ୱେଚ୍ଛାସେବୀ, ବ୍ୟାଡ୍‌ମିଣ୍ଟନ ଆସୋସିଏସନ୍, ଖେଲୋ ଇଣ୍ଡିଆର ଛାତ୍ରଛାତ୍ରୀ ଯୋଗ ଦେଇ ଧ୍ୟାନ ଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଅପରାହ୍ନରେ ଏକ ବନ୍ଧୁତ୍ୱ ପୂର୍ଣ୍ଣ ଭଲିବଲ୍ ମ୍ୟାଚ୍ ଅନୁଷ୍ଠିତ ହୋଇଥିବା ବେଳେ ୩୧ ତାରିଖରେ ସାଇକଲ ରାଲି ସମେତ ବିଭିନ୍ନ ପ୍ରକାର ଖେଳ ପ୍ରତିଯୋଗିତା ହେବ ବୋଲି କ୍ରୀଡ଼ା ଅଧିକାରୀ ସୂଚନା ଦେଇଛନ୍ତି । ପ୍ରତିବର୍ଷ ଅଗଷ୍ଟ ୨୯ ତାରିଖକୁ ଭାରତୀୟ ହକିର ପ୍ରବାଦ ପୁରୁଷ ମେଜର୍ ଧ୍ୟାନଚାନ୍ଦଙ୍କ ଜନ୍ମଦିବସକୁ 'ଜାତୀୟ କ୍ରୀଡ଼ା ଦିବସ' ଭାବେ ପାଳନ କରାଯାଉଛି । ଜୀବନରେ କ୍ରୀଡ଼ାର ଗୁରୁତ୍ୱପୂର୍ଣ୍ଣ ଭୂମିକା ବିଷୟ ରେ ଏହି ଦିବସ ସଚେତନ କରାଇଥାଏ । ଏହାସହ ସ୍ୱାସ୍ଥ୍ୟ ସଚେତନ ଦୃଷ୍ଟିରୁ ବିଭିନ୍ନ କ୍ରୀଡ଼ାରେ ସାମିଲ ହେବା ନେଇ ଏହି ଦିବସ ଲୋକଙ୍କୁ ପ୍ରୋତ୍ସାହିତ କରିଥାଏ ।

୧୯୦୫ ଅଗଷ୍ଟ ୨୯ରେ ପ୍ରୟାଗରାଜରେ ଧ୍ୟାନଚାନ୍ଦ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂରା ନାଁ ମେଜର ଧ୍ୟାନଚାନ୍ଦ ସିଂହ । ସେ ପ୍ରାରମ୍ଭିକ ଶିକ୍ଷା ସମାପ୍ତ କରିବା ପରେ ୧୯୨୨ ମସିହାରେ ସୈନିକ ଭାବେ ବ୍ରିଟିଶ ସେନାରେ ସାମିଲ ହୋଇଥିଲେ । ୧୯୨୬ରୁ ୧୯୪୮ ପର୍ଯ୍ୟନ୍ତ ଅନ୍ତରାଷ୍ଟ୍ରୀୟ ହକି କ୍ୟାରିୟରରେ ଧ୍ୟାନଚାନ୍ଦ ପାଖାପାଖି ୧୮୫ଟି ମ୍ୟାଚ୍‌ରେ ଭାରତର ପ୍ରତିନିଧିତ୍ୱ କରିଥିଲେ । ୧୯୨୮ର ଆର୍ମଷ୍ଟରଡ୍ୟାମ୍ ଅଲମ୍ପିକ୍ସ, ୧୯୩୨ ମସିହାର ଲସ୍ ଏଞ୍ଜେଲସ୍ ଅଲିମ୍ପିକ୍ସ ଓ ୧୯୩୬ ଜର୍ମାନୀର ବର୍ଲିନ ଅଲିମ୍ପିକ୍ସରେ ଲଗାତାର ଭାବେ ସେ ଭାରତକୁ ସ୍ୱର୍ଣ୍ଣ ପଦକ ଭେଟି ଦେଇଥିଲେ ।

ସେ ତାଙ୍କ ୨୨ ବର୍ଷର କ୍ୟାରିୟରରେ ୪୦୦ରୁ ଅଧିକ ଗୋଲ୍ ଦେଇ ଅପ୍ରତିଦ୍ୱନ୍ଦ୍ୱୀ ପାଲଟିଥିଲେ । କେବଳ ଭାରତ ନୁହେଁ, ସାରା ପୃଥିବୀରେ ତାଙ୍କ ଅଦ୍ୱିତୀୟ ଖେଳର ଅଗଣିତ ପ୍ରଶଂସକ ଥିଲେ । ଅଲମ୍ପିକ୍ସ ସଂଘ ଧ୍ୟାନଚାନ୍ଦଙ୍କୁ ଶତାବ୍ଦୀର ଶ୍ରେଷ୍ଠ ଖେଳାଳି ଭାବେ ଘୋଷଣା କରିଥିଲା । ହକି ଦୁନିଆରେ ମେଜର ଧ୍ୟାନଚାନ୍ଦ ଯେଉଁ ରୂପରେଖ ପ୍ରସ୍ତୁତ କରିଥିଲେ ତାହା ଅତୁଳନୀୟ । ଏହି ମହାନ ଖେଳାଳିଙ୍କୁ ଶ୍ରଦ୍ଧାଞ୍ଜଳି ଦେବା ପାଇଁ ୨୦୧୨ରେ ତାଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବରେ ପାଳନ କରିବାକୁ ନିଷ୍ପତ୍ତି ନିଆଯାଇଛି । ଏହି ଅବସରରେ ଖେଳ ଜଗତରେ ଉତ୍କୃଷ୍ଟ ପ୍ରଦର୍ଶନ କରିଥିବା ଖେଳାଳିମାନଙ୍କୁ ବିଭିନ୍ନ ସମ୍ମାନରେ ସମ୍ମାନିତ କରାଯାଏ ।

# ରୋଜର ବିନ୍ନିଙ୍କ ସ୍ଥାନ ନେଲେ ରାଜୀବ ଶୁକ୍ଲା

**ନୂଆଦିଲ୍ଲୀ**



ବିସିସିଆଇ ସଭାପତି ଭାବେ ଆଉ ରୋଜର ବିନ୍ନି କାମ କରୁ ନାହାନ୍ତି । ସେ ବିସିସିଆଇ ସଭାପତି ପଦ ଛାଡ଼ି ଦେଇଛନ୍ତି । କିନ୍ତୁ ବୟସ ୭୦ ହେବାରୁ ସେ ପଦ ଛାଡ଼ିଛନ୍ତି ନାଁ ଏହା ପଛରେ ଆଉ କ'ଣ କାରଣ ରହିଛି, ସେକଥା ସ୍ପଷ୍ଟ ହୋଇନି । ବିନ୍ନି ପଦ ଛାଡ଼ି ଦେଇଥିବାରୁ ବୁଧବାର ବିସିସିଆଇର ଏଜିଏମ ବୈଠକରେ ମଧ ଯୋଗ ଦେଇ ନଥିଲେ । ଏବେ ବିନ୍ନିଙ୍କ ସ୍ଥାନରେ ବିସିସିଆଇର ସଭାପତି ଦାୟିତ୍ୱ ଅସ୍ଥାୟୀ ଭାବେ ରାଜୀବ ଶୁକ୍ଲାଙ୍କୁ ମିଳିଛି । ସର୍ବସମ୍ମତିକ୍ରମେ ରାଜୀବ ଶୁକ୍ଲା ବିସିସିଆଇର ଅସ୍ଥାୟୀ ସଭାପତି ହୋଇଛନ୍ତି । ରାଜୀବ ଶୁକ୍ଲା ବିସିସିଆଇର ଉପ ସଭାପତି ଭାବେ କାମ କରୁଥିଲେ । ତେଣୁ ତାଙ୍କୁ ବିସିସିଆଇର ଅସ୍ଥାୟୀ ସଭାପତି ଭାବେ ନିଯୁକ୍ତି ମିଳିଛି । ବିସିସିଆଇ ସଭାପତି ନିର୍ବାଚନ ଯାଏ ସେ ଏହି ଦାୟିତ୍ୱରେ ରହିବେ । ଆସନ୍ତା ସେପ୍ଟେମ୍ବର ମାସରେ ବିସିସିଆଇ ସଭାପତି ପଦ ପାଇଁ ନିର୍ବାଚନ ହେବ ବୋଲି ଜଣାପଡ଼ିଛି ।

ଆସନ୍ତା ମାସରେ ହେବାକୁ ଥିବା ନିର୍ବାଚନରେ ଯଦି ବିନ୍ନି ବିଜୟୀ ହେବେ, ତା'ହେଲେ ସେ ସଭାପତି ଭାବେ କାମ କରିବେ । ନଚେତ ସେପ୍ଟେମ୍ବର ମାସରେ ବିସିସିଆଇକୁ ନୂଆ ସଭାପତି ମିଳିବେ । ୨୦୨୨ରେ ବିନ୍ନି ବିସିସିଆଇ ସଭାପତି ଭାବେ ଦାୟିତ୍ୱ ନେଇଥିଲେ । ବୁଧବାର ହୋଇଥିବା ବୈଠକରେ ଶୁକ୍ଲା ବିସିସିଆଇର କାର୍ଯ୍ୟକାରୀ ସଭାପତି ଭାବେ ଅଧକ୍ଷତା କରିଥିଲେ । ଏହି ବୈଠକରେ ଟିମ୍ ଇଣ୍ଡିଆର ପ୍ରମୁଖ ପ୍ରାୟୋଜକ ପ୍ରସଙ୍ଗରେ କଥାବାର୍ତ୍ତା ହୋଇଥିଲା । ସେପ୍ଟେମ୍ବର ୯ରେ ଏସିଆ କପ ଆରମ୍ଭ ହେଉଥିବା ବେଳେ ଦଳର ପ୍ରମୁଖ ପ୍ରାୟୋଜକ ଡ୍ରିମ୍ ୧୧ ସରକାରୀ ଆଇନ ଯୋଗୁ ଚୁକ୍ତିରୁ ଓହରି ଯାଇଛି । ତେଣୁ ଏସିଆ କପ୍ ପୂର୍ବରୁ ନୂଆ ପ୍ରାୟୋଜକ ବାଛିବା ବିସିସିଆଇ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି ।

# ଦକ୍ଷିଣ କୋରିଆରେ ପାରା ଫେନସିଂ ବିଶ୍ୱ ଚାମ୍ପିଅନସିପ୍‌ରେ ଭାଗନେବେ ପୂଜାସ୍ୱିନୀ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଗଜପତି ଜିଲ୍ଲାର ଜଣେ ଅନ୍ତର୍ଜାତୀୟ ହ୍ୱିଲଚେୟାର ଫେନ୍‌ସିଂ ଖେଳାଳି ତଥା ଜାତୀୟ ସ୍ୱର୍ଣ୍ଣ ପଦକ ବିଜେତା ମିସ୍ ପୂଜାସ୍ୱିନୀ ନାୟକଙ୍କୁ ଦକ୍ଷିଣ କୋରିଆର ଇଚ୍ଚାନ-ସିରେ ସେପ୍ଟେମ୍ବର ୨ ରୁ ୭ ତାରିଖ ପର୍ଯ୍ୟନ୍ତ ଅନୁଷ୍ଠିତ ହେବାକୁ ଥିବା ପ୍ରତିଷ୍ଠିତ ୨୦୨୫ ପାରା ଫେନ୍‌ସିଂ ବିଶ୍ୱ ଚାମ୍ପିଅନସିପ୍‌ରେ ଭାରତକୁ ପ୍ରତିନିଧିତ୍ୱ କରିବା ପାଇଁ ମନୋନୀତ କରାଯାଇଛି । ଗତ ପାଞ୍ଚ ବର୍ଷ ମଧ୍ୟରେ, ମିସ୍. ନାୟକ ଜାତୀୟ ସ୍ତରରେ ୩୩ଟି ପଦକ ଜିତି ରାଜ୍ୟ ଏବଂ ଜାତି ପାଇଁ ଗୌରବ ଆଣିଛନ୍ତି । ଅନ୍ତର୍ଜାତୀୟ ସ୍ତରରେ ତାଙ୍କର ଅଂଶଗ୍ରହଣକୁ ସମର୍ଥନ କରିବା ପାଇଁ ସାମାଜିକ ସୁରକ୍ଷା ଓ ଦିବ୍ୟାଙ୍ଗ ସଶକ୍ତିକରଣ ବିଭାଗ ସ୍ଥାନୀୟସ୍ତରରେ ଉପଲବ୍ଧ ନଥିବା ଅନ୍ତର୍ଜାତୀୟ ମାନକ ଫିଏ-ଅନୁମୋଦିତ ହ୍ୱିଲଚେୟାର ଫେନସିଂ ଉପକରଣ କ୍ରୟ ପାଇଁ ବି.ବି ଏସ୍.ଏ ଯୋଜନା ଅଧୀନରେ ୧,୮୭,୦୩୧ ଆର୍ଥିକ ସହାୟତା ପ୍ରଦାନ କରୁଛି । କହିରଖୁଛୁ ଓଡ଼ିଶା ସରକାର ଦିବ୍ୟାଙ୍ଗ କ୍ରୀଡ଼ାବିତ୍‌ଙ୍କୁ ସଶକ୍ତ କରିବା ଏବଂ ବିଶ୍ୱ ସ୍ତରରେ ସେମାନଙ୍କୁ ଚମକ ଦେଖାଇବା ପାଇଁ ପ୍ରତ୍ୟେକ ସୁଯୋଗ ପାଇବା ଲଗାତର ଚେଷ୍ଟା କରିଆସୁଛନ୍ତି ।

# ଶରୀରକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ଖେଳକୁଦ ଏକାନ୍ତ ଜରୁରୀ : ଜିଲ୍ଲାପାଳ

**ଯାଜପୁର, ନ୍ୟୁଜ୍‌ବ୍ୟୁରୋ**



ଜାତୀୟ କ୍ରୀଡ଼ା ଦିବସ ଅବସରରେ କ୍ରୀଡ଼ା,ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଯାଜପୁର ଠାରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ସ୍ଥାନୀୟ ହକି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା କ୍ରୀଡ଼ା ଅଧିକାରୀ ଫକୀର ଚରଣ ଟୁଡୁ, ହକି ପ୍ରଶିକ୍ଷକ ଭାରତୀୟ ହକିର ଯାଦୁଗର, ପଦ୍ମଭୂଷଣ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

ଏହି ଅବସରରେ ମୁଖ୍ୟ ଅତିଥି ଜିଲ୍ଲାପାଳ କହିଥିଲେ ଯେ ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନ ଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶିକାର ହେଉଛନ୍ତି । ତେଣୁ ରୋଗ ଠାରୁ ଦୂରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମ୍‌ରେ ଏକ ଘଣ୍ଟା ଖେଳ ପଡ଼ିଆରେ ଖେଳକୁଦରେ ବିତାଇବା ଉଚିତ । ଏହି କାର୍ଯ୍ୟକ୍ରମରେ ହକି ପ୍ରଶିକ୍ଷକ ଅମୁଲ୍ୟ କୁମାର ବେହେରା, ମମତା କିଣ୍ଡୋ, କ୍ରୀଡା ଶିକ୍ଷକ ଶିକ୍ଷୟତ୍ରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ । ପରେ ପରେ ଜିଲ୍ଲା ସ୍କୁଲ ଓ ହକିପ୍ରଶିକ୍ଷଣ କେନ୍ଦ୍ର, ଏନ.ସି. କଲେଜ ମଧ୍ୟରେ ପ୍ରଦର୍ଶନୀ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏନ ସି କଲେଜ ଦଳ ଚାମ୍ପିଅନ ହୋଇଥିଲେ । ଜିଲ୍ଲା କ୍ରୀଡ଼ା ଅଧିକାରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ ।

# ଉତ୍ସାହ ଏବଂ ଦଳଗତ ମନୋଭାବ ସହିତ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପୂର୍ବତଟ ରେଳପଥ କ୍ରୀଡ଼ା ସଂଗଠନ (ଇକୋର୍ସା) ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳ ପକ୍ଷରୁ ଶୁକ୍ରବାର ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇ ରେଳ କର୍ମଚାରୀ ଏବଂ ସମୁଦାୟ ମଧ୍ୟରେ କ୍ରୀଡ଼ାପ୍ରେମ, ଫିଟନେସ୍ ଏବଂ ସୌହାର୍ଦ୍ଦ୍ୟକୁ ପ୍ରୋତ୍ସାହିତ କରିବା ଉପରେ ଏକ ଆକର୍ଷଣୀୟ ଏବଂ ଉତ୍ସାହୀ ଉତ୍ସବ ଆୟୋଜନ ହୋଇଯାଇଛି ।

ଏହି ଅବସରରେ ଯୋଗ ଦେଇ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳବାଇ ପ୍ରବନ୍ଧକ (ଭିତ୍ତିଭୂମି) ସୁଭ୍ରଜ୍ୟୋତି ମଣ୍ଡଳ କହିଛନ୍ତି ଯେ କ୍ରୀଡ଼ା କେବଳ ଶାରୀରିକ ସୁସ୍ଥତାକୁ ପ୍ରୋତ୍ସାହିତ କରେ ନାହିଁ ବରଂ ବ୍ୟକ୍ତିବିଶେଷଙ୍କ ମଧ୍ୟରେ ଶୃଙ୍ଖଳା, ଏକତା ଏବଂ ସ୍ଥିରତା ମଧ ସୃଷ୍ଟି କରେ । ଏହି ଭଳି କାର୍ଯ୍ୟକ୍ରମ ଆମର ଦଳଗୁଡ଼ିକୁ ସେମାନଙ୍କର ବୃତ୍ତିଗତ ଏବଂ ବ୍ୟକ୍ତିଗତ ଜୀବନରେ ଏହି ମୂଲ୍ୟବୋଧଗୁଡ଼ିକୁ ଆଗକୁ ବଢ଼ାଇବାକୁ ପ୍ରେରଣା ଦିଏ । ଆସନ୍ତୁ ଆମେ ସମସ୍ତେ ସକ୍ରିୟ, ସଂଯୁକ୍ତ ଏବଂ ପ୍ରେରିତ ରହିବା ପାଇଁ ପ୍ରତିବଦ୍ଧ ହେବା ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି ।

ଏହି ଅବସରକୁ ପାଳନ କରିବା ପାଇଁ ରେଳ ଅଧିକାରୀମାନଙ୍କ ମଧ୍ୟରେ ଏକ ରୋମାଞ୍ଚକର ଭଲିବଲ୍ ମ୍ୟାଚ୍ ଆୟୋଜିତ ହୋଇଥିଲା ଯାହା ଦଳଗତ କାର୍ଯ୍ୟ ଏବଂ ପ୍ରତିଯୋଗିତା ମୂଳକ ମନୋଭାବ ପ୍ରଦର୍ଶନ କରିବ । ପାଇଁ ଉଦ୍ଦିଷ୍ଟ ଥିବାବେଳେ ଇକୋର୍ସା ଖୋର୍ଦ୍ଧା ରୋଡ଼ ଏବଂ ନାଇଜର ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଆୟୋଜନ କରାଯାଇଥିଲା, ଯାହା ସହଯୋଗ ଏବଂ ସୁସ୍ଥ ପ୍ରତିଯୋଗିତାକୁ ଗୁରୁତ୍ୱ ଦେଇଥିଲା ।

ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ କେବଳ ମେଜର ଧ୍ୟାନଚାନ୍ଦଙ୍କ ଐତିହ୍ୟକୁ ପାଳନ କରିବା ନୁହେଁ, ଯାହାଙ୍କ ସମ୍ମାନରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଏ ବରଂ ରେଳ କର୍ମଚାରୀଙ୍କ ମଧ୍ୟରେ ଦଳଗତ କାର୍ଯ୍ୟ, ଅଧ୍ୟବସାୟ ଏବଂ ଶାରୀରିକ ସୁସ୍ଥତାର ମୂଲ୍ୟବୋଧକୁ ଆହୁରି ଦୃଢ଼ କରିବା ପାଇଁ ଉଦ୍ଦିଷ୍ଟ ଥିଲା ।

ଏହି ଅବସରରେ ବକ୍ତବ୍ୟ ରଖି ଖୋର୍ଦ୍ଧା ରୋଡ୍‌ର ଇକୋର୍ସା କ୍ରୀଡ଼ା ଅଧିକାରୀ ଏକ ସୁସ୍ଥ ଏବଂ ସମନ୍ୱିତ କାର୍ଯ୍ୟ ପରିବେଶ ଗଠନରେ କ୍ରୀଡ଼ାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ ଏବଂ କର୍ମଚାରୀମାନଙ୍କୁ ସେମାନଙ୍କର ଦୈନନ୍ଦିନ କାର୍ଯ୍ୟରେ ନିୟମିତ ଶାରୀରିକ କାର୍ଯ୍ୟକଳାପକୁ ସାମିଲ କରିବାକୁ ଉତ୍ସାହିତ କରିଥିଲେ । ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ସମସ୍ତ ଅଂଶଗ୍ରହଣକାରୀ ଦଳ ଏବଂ ଉପସ୍ଥିତ ଲୋକଙ୍କୁ ହୃଦୟରୁ ଧନ୍ୟବାଦ ଜଣାଉଛି ଯେଉଁମାନେ ଏହି କାର୍ଯ୍ୟକ୍ରମକୁ ଅଧିକ ପ୍ରେରଣାଦାୟକ ଏବଂ ସ୍ମରଣୀୟ କରିଥିଲେ । ଆସନ୍ତୁ ଆମେ କ୍ରୀଡ଼ାର ଆତ୍ମାକୁ ସମ୍ମାନ କରିବା ଏବଂ ଏକତା, ସୁସ୍ଥତା ଏବଂ ଦଳଗତ କାର୍ଯ୍ୟର ମୂଲ୍ୟବୋଧକୁ ଆଗକୁ ବୃଦ୍ଧି କରିବା ।

ଏହି ଅବସରରେ ଖୋର୍ଦ୍ଧା ରୋଡ଼ ରେଳମଣ୍ଡଳର ବରିଷ୍ଠ ଅଧିକାରୀ ଏବଂ କର୍ମଚାରୀ ଏବଂ ଇକୋର୍ସାର ସଦସ୍ୟ ମାନେ ଯୋଗ ଦେଇଥିବା ବେଳେ ସେମାନଙ୍କର ଉତ୍ସାହଜନକ ଉପସ୍ଥିତି ଏହି ଉତ୍ସବକୁ ଗୁରୁତ୍ୱ ଦେଇଥିଲା ।

# ଖୁବ୍‌ଶୀଘ୍ର ସାଲେପୁରକୁ ଏନ୍‌ଏସି ଘୋଷଣା କରାଯିବ : ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ

**ଜଗତପୁର, ନ୍ୟୁଜ୍‌ବ୍ୟୁରୋ**

ରାଜ୍ୟ ସରକାରଙ୍କ ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ରଙ୍କ କେନ୍ଦ୍ରାପଡ଼ା ଗସ୍ତ ପରିପ୍ରେକ୍ଷୀରେ ଗଙ୍ଗୀ-ସାଲେପୁର ବିଜେପି ନେତା ହିଂମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ପୀରବଜାର ଠାରେ ତାଙ୍କୁ ବିପୁଳ ସମ୍ବର୍ଦ୍ଧନା ଦିଆଯାଇଥିଲା । ଏହି ଅବସରରେ ମନ୍ତ୍ରୀଙ୍କୁ ଫୁଲତୋଡ଼ା ଓ ଉପଢୌକନ ପ୍ରଦାନ କରାଯାଇଥିଲା । ଏଥିସହ ସାଲେପୁରକୁ ବିଜ୍ଞାପିତ ଅଞ୍ଚଳ (ଏନଏସି) ଘୋଷଣା କରିବା ପାଇଁ ଶ୍ରୀ ମହାନ୍ତିଙ୍କ ପକ୍ଷରୁ କରାଯାଇଥିବା ଦାବି ଖୁବ୍‌ଶୀଘ୍ର ସାଲେପୁରକୁ ଏନ୍‌ଏସି ଘୋଷଣା କରାଯିବ ବୋଲି ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ ବୋଲି ଶ୍ରୀ ମହାନ୍ତି ସୂଚନା ପ୍ରଦାନ କରିଥିଲେ । କାର୍ଯ୍ୟକ୍ରମରେ କହ୍ନେଇପୁର ପଞ୍ଚାୟତ ସଭାପତି ଅନନ୍ତ ପାତ୍ର, ଯୁବନେତା ମନୋଜ ବିଶ୍ୱାଳ, ତାପସ ବେହେରା, ରାମେଶ୍ୱର ମଣ୍ଡଳ ଉପସଭାପତି ରିତେଶ ଦାସ, ମାନସ କରଣ, ଅଜୟ ସ୍ୱାଇଁ, କିଶାନ ଖାଁ, ହରେକୃଷ୍ଣ ବେହେରା, ପୂର୍ଣ୍ଣଚନ୍ଦ୍ର ନାୟକ, ଅଜୟ କୁମାର ଘୋଷ ଓ ଶିଶିକାନ୍ତ ମହାନ୍ତି ପ୍ରମୁଖ ଶତାଧିକ ବିଜେପି କର୍ମୀ ଉପସ୍ଥିତ ଥିଲେ ।

# ଜ୍ଞାନ ବିଜ୍ଞାନ ମେଳାରେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର କୃତିତ୍ୱ

**ରମ୍ଭା, ନ୍ୟୁଜ୍‌ବ୍ୟୁରୋ**



ନିକଟରେ ଦକ୍ଷିଣ-ପୂର୍ବ ସମ୍ଭାଗ ସ୍ତରୀୟ ଜ୍ଞାନ ବିଜ୍ଞାନ ମେଳା ଫୁଲବାଣୀ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ଛାତ୍ରଛାତ୍ରୀମାନେ ବିଭିନ୍ନ ବର୍ଗରେ କୃତିତ୍ୱ ହାସଲ କରିଥିବାରୁ ଶିକ୍ଷାନୁଷ୍ଠାନର ଗୌରବ ମଣ୍ଡିତ ବୃଦ୍ଧି ଘଟିବା ସହ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି । ବାଲ ବର୍ଗରେ ଶିଶୁ ରାହୁଲ ନାହାକ, ଏମ. ଆଦିତ୍ୟ କିରଣ, ସନ୍ଦୀପ କୁମାର ବେହେରା ଗଣିତ ପ୍ରଶ୍ନ ମଞ୍ଚରେ ପ୍ରଥମ ସ୍ଥାନ କୃତିତ୍ୱ ହାସଲ କରିଛନ୍ତି । ଅନୁରୂପ ଭାବେ କିଶୋର ବର୍ଗ ଗଣିତ ପ୍ରକଳ୍ପରେ ଶିଶୁ ଡି. ରୁପା ପାତ୍ର (ପ୍ରଥମ), ବିଜ୍ଞାନ ପ୍ରୟୋଗରେ ସୁଶାନ୍ତ ବେହେରା (ଦ୍ୱିତୀୟ), ବାଲ ବର୍ଗ ଗଣିତ ପ୍ରୟୋଗ ପି. ପ୍ରିୟା ପୃଷ୍ଟି (ତୃତୀୟ), ବିଜ୍ଞାନ ପତ୍ର ବାଚନ ସମୀର ପରିଡା (ଦ୍ୱିତୀୟ), ସଂସ୍କୃତି ଜ୍ଞାନ କଥା କଥନରେ ମିତାଲି ସାହୁ (ତୃତୀୟ) ହୋଇଥିବା ବେଳେ ସଂସ୍କୃତି ଜ୍ଞାନ ପତ୍ର ବାଚନରେ ଅନୁଷ୍ଠାନର ଆଚାର୍ଯ୍ୟା ସୁଜାତା ସାହୁ (ଦ୍ୱିତୀୟ), ଆଚାର୍ଯ୍ୟ ନାରାୟଣ ନାୟକ ଗଣିତ ପତ୍ର ବାଚନରେ ପ୍ରଥମ ସ୍ଥାନ ହାସଲ କରିଛନ୍ତି । ସଫଳତା ଅର୍ଜନ କରିଥିବା ଛାତ୍ରଛାତ୍ରୀ ଓ ଗୁରୁଜୀ ଗୁରୁମା'ମାନଙ୍କ ଆଶୀର୍ବାଦ ଓ ପରାମର୍ଶ ସଫଳତାର ଚାବିକାଠି ବୋଲି ଦର୍ଶାଯାଇଛି । ତତ୍‌ସହିତ କଠିନ ପରିଶ୍ରମ, ଦୃଢ଼ ଆତ୍ମ ବିଶ୍ୱାସ ଓ ଈଶ୍ୱର ଭକ୍ତିହିଁ ସଫଳତା ଦେବାରେ ସହାୟକ ହୋଇଛି ବୋଲି ଅଭିବ୍ୟକ୍ତି କରାଯାଇଛି । ଏଥି ସହିତ ଅନୁଷ୍ଠାନର ପ୍ରଧାନ ଆଚାର୍ଯ୍ୟା, ପରିଚାଳନା କମିଟି, ସମସ୍ତ କାର୍ଯ୍ୟକର୍ତ୍ତା, ଅଭିଭାବକ / ଅଭିଭାବିକା ଖୁସି ବ୍ୟକ୍ତ କରିବା ସହିତ ଶିକ୍ଷାନୁଷ୍ଠାନର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି ।

# ରେଲୱେ ଓଭର ବ୍ରିଜ ତଳୁ ଅଚିହ୍ନା ବାଳିକାର ମୃତଦେହ ଉଦ୍ଧାର

**ବ୍ୟାସନଗର, ନ୍ୟୁଜ୍‌ବ୍ୟୁରୋ**

ଯାଜପୁର ଜିଲ୍ଲାର ଯାଜପୁର ରୋଡ଼ ଆଦର୍ଶ ଥାନା ସ୍ଥିତ ରେଲୱେ ବ୍ରିଜ ତଳୁ ଏକ ନାବାଳିକାର ମୃତଦେହ ଉଦ୍ଧାର କରିଛି ଯାଜପୁର ରୋଡ଼ ପୋଲିସ । ନାବାଳିକାର ପରିଚୟ ଓ ମୃତ୍ୟୁ କାରଣ ଅସ୍ପଷ୍ଟ ରହିଥିବା ବେଳେ ଯାଜପୁର ରୋଡ଼ ପୋଲିସର ତଦନ୍ତ ଜାରି ରହିଛି । ସୂଚନା ମୁତାବକ ଯାଜପୁର ରୋଡ଼ ସ୍ଥିତ ଅହମଦ ନଗର ନିକଟ ରେଲୱେ ବ୍ରିଜ ତଳେ ଶୁକ୍ରବାର ସକାଳ ୮ଟା ସମୟରେ ଏକ ନାବାଳିକାର ମୃତ ଦେହ ପଡ଼ିଥିବାର ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ । ତେବେ ସ୍ଥାନୀୟ ଲୋକେ ତୁରନ୍ତ ଯାଜପୁର ରୋଡ଼ ପୋଲିସ ଓ ଯାଜପୁର କେନ୍ଦୁଝର ରୋଡ଼ ରେଲୱେ ପୋଲିସକୁ ସୂଚନା ଦେଇଥିଲେ । ସୂଚନା ପାଇ ଉଭୟ ଯାଜପୁର ରୋଡ଼ ଓ ରେଲୱେ ପୋଲିସ ଘଟଣା ସ୍ଥଳରେ ପହଞ୍ଚିଥିଲେ । ତେବେ ଦୁଃଖର ବିଷୟ ୨ ବିଭାଗୀୟ ପୋଲିସଙ୍କ ମଧ୍ୟରେ ନିଜର ଏରିଆକୁ ନେଇ ବାଦବିବାଦ ଦେଖିବାକୁ ମିଳିଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି । ଦୀର୍ଘ ସମୟ ଧରି ବିବାଦ ପରେ ବାଧହୋଇ ଯାଜପୁର ରୋଡ଼ ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ସ୍ଥାନୀୟ ଦାନଗଦୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଛି । ତେବେ ମୃତ ନାବାଳିକା ଗୋଡ଼ରେ ମେଡିକାଲ ଚିକିତ୍ସା ସମ୍ବନ୍ଧିତ ବ୍ୟାଣ୍ଡେଜ କପଡ଼ା ଗୁଡ଼ା ଯାଇଥିବା ଦେଖିବାକୁ ମିଳିଛି । ମୃତ ନାବାଳିକାର ବୟସ ୧୪ ବର୍ଷରୁ ଊର୍ଦ୍ଧ୍ୱ ହୋଇଥିବା ଅନୁମାନ କରାଯାଉଛି । ତେବେ ନାବାଳିକାର କୌଣସି ପରିଚୟ ମିଳି ନଥିବା ବେଳେ ମୃତ ନାବାଳିକାକୁ କିଏ ହତ୍ୟା କରିଛି କି କେହି ମୃତଦେହକୁ ଫୋପାଡ଼ି ଚାଲି ଯାଇଛି ଏନେଇ ପୋଲିସ କେସ ନଂ ୩୭/୨୫ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି ଯାଜପୁର ରୋଡ଼ ଆଦର୍ଶ ଥାନା ପୋଲିସ ।

# ଅନ୍ ଲାଇନ୍ ଆପ୍‌ରେ ଟଙ୍କା ନିବେଶ କରିବା ହେଲା କାଳ : କୋଟିପତି ହେବା ଆଶା ଆଶାରେ ରହିଗଲା

**ଧର୍ମଶାଳା, ନ୍ୟୁଜ୍‌ବ୍ୟୁରୋ**

ଘରେ ବସି ଟଙ୍କା ରୋଜଗାର କରିବା ନିଶା ସମସ୍ତଙ୍କୁ ଘାରିଛି । ରାତାରାତି କୋଟିପତି ହେବା ଚୁରମାର ହୋଇଯାଇଛି । ଲୋଭରେ ପଡ଼ି ବୁଡ଼ିଛି ନିବେଶକଙ୍କ ଟଙ୍କା । ଏଭଳି ଘଟଣା ଦେଖିବାକୁ ମିଳିଛି ଧର୍ମଶାଳା, ବଡ଼ଚଣା ଓ ରସୁଲପୁର ବ୍ଲକ ଅଞ୍ଚଳରେ । ଅଞ୍ଚଳର ଶତାଧିକ ମହିଳା ଓ ଯୁବକମାନେ ଫସି ଯାଇଛନ୍ତି । ଧର୍ମଶାଳା ବ୍ଲକର ମଙ୍ଗଳପୁର ଓ ଦେଓଦା ପଞ୍ଚାୟତ, ବଡ଼ଚଣା ବ୍ଲକର ସୁଙ୍ଗୁଡ଼ା ପଞ୍ଚାୟତ ଓ ରସୁଲପୁର ବ୍ଲକର ମଙ୍ଗରାଜପୁର ପଞ୍ଚାୟତରେ ଶହଶହ ଯୁବକ ଓ ମହିଳାମାନେ ଲକ୍ଷଲକ୍ଷ ଟଙ୍କା ଫସି ଯାଇଥିବା ଜଣାପଡ଼ିଛି । ଅନ୍ ଲାଇନ୍ ମନି ଗେମ୍ ଆପ୍ ୨୦ ତାରିଖରେ ବ୍ୟାନ ହେବା ପରେ ଏଥିରେ ଟଙ୍କା ଲଗାଇଥିବା ସ୍ଥାନୀୟ ଲୋକାଙ୍କର ଲକ୍ଷାଧିକ ଟଙ୍କା ବୁଡ଼ିଯାଇଛି । ଅନ ଲାଇନ ମନି ଗେମ ଆପ୍‌ରେ ଚାଲିଥିବା ଟଙ୍କା ଲଗାଣ ଖେଳକୁ ବ୍ୟାନ କରିଛନ୍ତି ସରକାର । କେନ୍ଦ୍ର ସରକାର ଘୋଷଣା କରିବା ମାତ୍ରେ ଲୋକଙ୍କୁ ଚୁନ ଲଗାଇ ଛୁ ମାରିଛନ୍ତି ଅନ୍ ଲାଇନ୍ ଆପ୍ ସଂସ୍ଥା । ହିୟୁଜ୍ ନାମକ ଏକ ଆମର ନିକଟରେ ଆରମ୍ଭ ହୋଇଥିଲା । ଏଥିରେ ଅନେକଗୁଡିଏ ଲୋଭନୀୟ ଅଫର ଦିଆଯାଇଥିଲା । ୫୫୦୦ଟଙ୍କ ଟଙ୍କା ନିବେଶ କରି ପ୍ରତିଦିନ ୨ଶହ ଟଙ୍କା ଆୟ, ୧୬୫୦୦ଟଙ୍କା ନିବେଶ କରି ଦିନକୁ ୬୧୫ ଟଙ୍କା ରୋଜଗାର କରବା ନିଶା ଦେଖାଇଥିଲା ଏହି ସଂସ୍ଥା । ସଂସ୍ଥାରେ କିଛି ଯୁବକ ଓ ଗ୍ରାମୀଣ ମହିଳା ଟଙ୍କା ନିବେଶ କରିବା ପରେ ସେମାନଙ୍କୁ ଅନେକ ଲୋଭନୀୟ ଅଫର ଦେଇଥିଲେ । ନିଜ ଅଧିନରେ ୧୨ ଜଣଙ୍କୁ ଏହି ଆପରେ ସାମିଲ କରାଇଲେ ମାସିକ ୧୦ ହଜାର ଯଙ୍କା ଓ ୨୦ଜଣଙ୍କୁ ସାମିଲ କରାଇଲେ ୧୫ ହଜାର ଟଙ୍କା ଦରମା ପାଇଁ ମଧ୍ୟ ଲୋଭନୀୟ ଅଫର ଦିଆଯାଇଥିଲା । ଏପରିକି ଅନେକ ସମୟରେ ଅଧିକ ଆକର୍ଷିତ କରିବା ପାଇଁ ଫ୍ରିଜ୍ ଓ କୁଲର ଆଦି ଆକର୍ଷଣୀୟ ଅଫର ଦେଖାଇ ଥିଲା ଏହି ଆପ୍ । ଲୋଭରେ ପଡ଼ି ଲୋକେ ଧାର କରଜ କରି ଟଙ୍କା ଆଣି ଏଥିରେ ଲଗାଇ ଥିଲେ । ପରବର୍ତ୍ତୀ ସମୟରେ ଟଙ୍କା ଉଠାଣ ପାଇଁ ମଙ୍ଗଳବାର ଓ ଗୁରୁବାର ଦିନ ଧାର୍ଯ୍ୟ କରାଯାଇଥିଲା । ପରେ ଏହି ଟଙ୍କା ଉଠାଣ ପାଇଁ ବାର୍ଷିକ ରିନୁଆଲ ଫି ଆକାରରେ ୧୬୫୦ ଓ ୪୯୫୦ଙ୍କା ରିଚାର୍ଯ୍ୟ କରିଲେ ଟଙ୍କା ଉଠିବ ବୋଲି କୁହା ଯାଇଥିଲା । ହେଲେ ରିଚାର୍ଜ ପରେ ଗୁଗୁଲ କ୍ରୋମରେ ଏବେ ହଠାତ୍ ଆପ ବନ୍ଦ ହୋଇଯିବା ପରେ ବିନିଯୋଗ-କାରୀଙ୍କ ମୁଣ୍ଡରେ ଚଡ଼କ ପଡ଼ିଛି । ଏବେ ମୂଳ ଟଙ୍କା ପାଇବା ଆଶା ଆଶାଆଶାରେ ରହି ଯାଇଛି । ସ୍ଥାନୀୟ ଥାନା ଓ ସାଇବରରେ ଅଭିଯୋଗ କରିବାକୁ ଡରି ଯାଉଥିବା କହିଛନ୍ତି ସ୍ଥାନୀୟ ଯୁବକ ଓ ମହିଳାମାନେ ।

ଉତ୍କଳ ଉଦ୍ୟମ (ମାସ୍ଟହେଡ)

ଭୁବନେଶ୍ୱର
୩୦ ଅଗଷ୍ଟ,
ଶନିବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ସେପ୍ଟେମ୍ବର ୩ରେ ନୂତନ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ

**ପୁରୀ, ୨୯।୦୮**
**ନ୍ୟୁଜ୍‌ବ୍ୟୁରୋ**

ସେପ୍ଟେମ୍ବର ୩ ତାରିଖରେ ଅନୁଷ୍ଠିତ ହେବ ନୂତନ ଶ୍ରୀମନ୍ଦିର ପରିଚାଳନା କମିଟିର ପ୍ରଥମ ବୈଠକ। ଶ୍ରୀମନ୍ଦିର ପରିଚାଳନା କମିଟିର ସ୍ଥାୟୀ ସଭାପତି ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହେବ ଏହି ବୈଠକ। ପ୍ରଥମ ବୈଠକରେ ନୂତନ କମିଟି ସଦସ୍ୟଙ୍କୁ ସ୍ୱାଗତ କରିବା ସହ ଏକ ସବ କମିଟି ଗଠନ କରାଯିବ।

ଗତ ମେ' ମାସ ୨୬ ତାରିଖରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯିବ। ଆସନ୍ତା ୧୫ ତାରିଖରେ ନାଟମଣ୍ଡପ ଧାଡ଼ିଦର୍ଶନ ବ୍ୟବସ୍ଥା ଲାଗୁ ନେଇ ହୋଇପାରେ ଆଲୋଚନା। ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତରଣ ଓ ଗଣତିମଣତି ନେଇ ହୋଇପାରେ ଆଲୋଚନା। ସେପ୍ଟେମ୍ବର ୨ ତାରିଖରେ ଛତିଶା ନିଯୋଗ ବୈଠକ ହେବ। ପରଦିନ ଅର୍ଥାତ୍ ୩ ତାରିଖରେ ଚନ୍ଦ୍ର ଗ୍ରହଣ ନୀତିନିର୍ଘଣ୍ଟକୁ ମୋହର ମାରିବ ନୂତନ ପରିଚାଳନା କମିଟି।



ଭୁବନେଶ୍ୱର : କୁଆଖାଇ ନଦୀରେ ଗଣପତି ବାବା ନେଉଛନ୍ତି ମେଲାଣି। (ଫଟୋ : ସମ୍ବାଦ କଳିକା)

# ଓଡ଼ିଶା ରାଜ୍ୟ ବାର୍ ପରିଷଦର କଡ଼ା ନିର୍ଦ୍ଦେଶ : ଲାଭଜନକ ପଦବୀରେ ଥିବା ସଦସ୍ୟଙ୍କ ଲାଇସେନ୍ସ ରଦ୍ଦ ହେବ

**କଟକ, ୨୯।୦୮ : ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ରାଜ୍ୟ ବାର୍ ପରିଷଦ ପକ୍ଷରୁ ଆଇନଜୀବୀଙ୍କ ପାଇଁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି। ଏକ ପ୍ରେସ୍ ବିଜ୍ଞପ୍ତିରେ ପରିଷଦ ପକ୍ଷରୁ କୁହାଯାଇଛି, ଲାଭ ଜନକ ପଦବୀରେ ଥିବା ଆଇନଜୀବୀଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣ କରାଯିବ। ପରିଷଦ ନିଷ୍ପତ୍ତି ଅନୁସାରେ ପରିଷଦର ସଦସ୍ୟଥିବା ଯେଉଁ ଆଇନଜୀବୀମାନେ ଲାଭ ଜନକ ପଦବୀ ଅବା ଅନ୍ୟାନ୍ୟ କାର୍ଯ୍ୟକଳାପ କିମ୍ବା ଅନ୍ୟାନ୍ୟ ବ୍ୟବସାୟିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି। ନଚେତ୍ ଏହାକୁ ସେମାନଙ୍କର ପେଶା ପ୍ରତି ବୃତ୍ତିଗତ ଅସଦାଚରଣ ଭାବରେ ବିବେଚନା କରାଯିବ। ପରିଷଦ ପକ୍ଷରୁ କୁହାଯାଇଛି ଆଇନ ପେଶାରେ ଯୋଗଦେବା ଲାଗି ଲାଇସେନ୍ସ ନେଇଥିବା ଅନେକ ଆଇନଜୀବୀ ବିଭିନ୍ନ କମ୍ପାନୀ, ବ୍ୟବସାୟ ଠିକା କାମ, ସରକାରୀ ଚାକିରି ଓ ଅନ୍ୟାନ୍ୟ ପେଶାରେ ଥାଇ ଆଇନଜୀବୀ ଭାବେ କାର୍ଯ୍ୟ କରୁଥିବାର ଅଭିଯୋଗ ପରିଷଦ ପାଖରେ ପହଞ୍ଚୁଛି। ଏହାକୁ ରୋକିବା ପାଇଁ ରାଜ୍ୟ ଆଇନଜୀବୀ ପରିଷଦ ଏନେଇ ସମସ୍ତ ବାର୍ ଆସୋସିଏସନକୁ ନିର୍ଦ୍ଦେଶ ଜାରି କରିଛି। ଆଡଭୋକେଟ ଆଇନ ୧୯୬୧ର ନିୟମ ଅନୁଯାୟୀ ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେଶାରେ କାର୍ଯ୍ୟ କରିବା ପେଶାଗତ ନୈତିକତାର ବିରୁଦ୍ଧାଚରଣ କରୁଛି।



ଭୁବନେଶ୍ୱର : ନବ ନିଯୁକ୍ତ ବିଜେଡି ଛାତ୍ର ଓ ଯୁବ ସଭାପତିମାନେ ନବୀନ ନିବାସ ଠାରେ ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି। (ଫଟୋ : ସମ୍ବାଦ କଳିକା)

# କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବାୟୁସେନା ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷରିତ

**ଭୁବନେଶ୍ୱର, ୨୯।୦୮**
**ନ୍ୟୁଜ୍‌ବ୍ୟୁରୋ**

କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବାୟୁସେନା ମଧ୍ୟରେ ଶୁକ୍ରବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଏବଂ ଭାରତୀୟ ବାୟୁସେନା ପକ୍ଷରୁ ଏୟାର ଷ୍ଟାଫ୍ ସହକାରୀ ମୁଖ୍ୟ(ଶିକ୍ଷା) ଏୟାର ଭାଇସ୍ ମାର୍ଶାଲ୍ ହରଜିତ୍ ଏସ୍ ସିଦାନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ର ଅନୁଯାୟୀ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ ବାୟୁସେନାରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କର ସନ୍ତାନ ସନ୍ତତି, ବାୟୁସେନାର ଭେଟରାନ୍ କର୍ମଚାରୀ ଓ ସେମାନଙ୍କ ସନ୍ତାନ ସନ୍ତତିଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ



ସମସ୍ତ ପ୍ରକାର ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ଫି' ରିହାତି ପ୍ରଦାନ କରାଯିବ। ସେହିପରି ବାୟୁସେନାର କୌଣସି କର୍ମଚାରୀ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ସେମାନଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ୍ୟ ଫି' ଛାଡ଼ କରାଯିବ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଡିପ୍ଲୋମା ଓ ଡିଗ୍ରୀ, ଡାକ୍ତରୀ, ଡେଣ୍ଟାଲ୍ ଓ ନର୍ସିଂ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ଡାକ୍ତରୀ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ନିମନ୍ତେ ସେମାନଙ୍କୁ ନିଟ୍‌ର ସମସ୍ତ ମାନଦଣ୍ଡକୁ ପୂରଣ କରିବାକୁ ପଡ଼ିବ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରକାର ପାଠ୍ୟକ୍ରମ ପାଇଁ କିଟ୍ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ଏହାଛଡ଼ା କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଓ ଭାରତୀୟ ବାୟୁସେନାର ଶିକ୍ଷା ବିଭାଗ ମିଳିତ ଭାବେ ଗବେଷଣା ଓ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବେ। କିଟ୍ ବିଶ୍ୱବିଦ୍ୟାଳୟ ଓ ବାୟୁସେନା ଶିକ୍ଷା ବିଭାଗ ମିଳିତ ଭାବେ ବିଭିନ୍ନ ଗବେଷଣା ପ୍ରକଳ୍ପରେ କାର୍ଯ୍ୟ କରିବା ସହ ବିଭିନ୍ନ ପ୍ରକାର ସ୍ୱଳ୍ପ ଅବଧି ପାଠ୍ୟକ୍ରମ ପ୍ରସ୍ତୁତି, ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଦାନ ଓ କର୍ମଶାଳା ଆଦି ଆୟୋଜନ ଦିଗରେ କାର୍ଯ୍ୟ କରିବେ। ଏହି ବୁଝାମଣାପତ୍ରର କାର୍ଯ୍ୟକାରିତା ତଦାରଖ ପାଇଁ ଏକ ଯୁଗ୍ମ ସଂଯୋଜନା କମିଟିର ବ୍ୟବସ୍ଥା ରହିଛି। ଭାରତୀୟ ବାୟୁସେନା କର୍ମଚାରୀଙ୍କ ପିଲାମାନଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଆର୍ଥିକ ସହଯୋଗ ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସିଂହ କହିଛନ୍ତି। ଏହି ଅବସରରେ ଭାରତୀୟ ବାୟୁସେନାର ଅଧିକାରୀମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟ ମୂଳକ ସାକ୍ଷାତ କରିଥିଲେ। ସେମାନେ ଅନ୍ତର୍ଭୁକ୍ତି ଶିକ୍ଷା ଓ ରାଷ୍ଟ୍ର ଗଠନ କ୍ଷେତ୍ରରେ ଡ. ସାମନ୍ତଙ୍କ ଦୂରଦର୍ଶିତାର ଭୂୟସୀ ପ୍ରଶଂସା କରିଥିଲେ।

# ଅଗଷ୍ଟ ୩୧ରେ ନୂଆ ମ୍ୟୁନିସିପାଲିଟି ଓ ଏନଏସି ଘୋଷଣା

**ଭୁବନେଶ୍ୱର, ୨୯।୦୮ :ନ୍ୟୁଜ୍‌ବ୍ୟୁରୋ**

ଆସନ୍ତା ଅଗଷ୍ଟ ୩୧ ରେ ନୂଆ ମ୍ୟୁନିସପାଲଟି ଓ ଏନଏସି ଘୋଷଣା ହେବ। ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ମହାପାତ୍ର ଏହି ଘୋଷଣା କରିଛନ୍ତି। ଏହାସହ ସରକାର ରାଜ୍ୟରେ ସହରୀକରଣ ବୃଦ୍ଧି କରିବେ। ରାଜ୍ୟରେ ସହରୀକରଣ ୧୭%ରୁ ୪୦%କୁ ବୃଦ୍ଧି ହେବ ବୋଲି ମନ୍ତ୍ରୀ କହିଛନ୍ତି। ଭୁବନେଶ୍ୱରର ଡ୍ରେନ୍ ଓ ପାଣି ସମସ୍ୟା ଦୂର କରିବା ପାଇଁ ପ୍ରସ୍ତୁତ ହେଉଛି ନୂଆ ପ୍ଲାନ। ରାଜ୍ୟରେ ପ୍ରମୁଖ ସହରଗୁଡ଼ିକୁ ଏନଏସିରେ ସାମିଲ କରାଯିବ। ସେଥିପାଇଁ ମାଷ୍ଟର ପ୍ଲାନ ପ୍ରସ୍ତୁତ କରାଯାଉଛି। ସହର ବୃଦ୍ଧି ସହ ସହରର ବିକାଶ କରାଯିବ। ଭୁବନେଶ୍ୱରରେ ବସ୍ତି ବୃଦ୍ଧି ଘଟୁଛି। ତା'ର କାରଣ କ'ଣ ତାହା ତର୍ଜମାର ଆବଶ୍ୟକ। ସେଥିପାଇଁ ବସ୍ତି ଲୋକଙ୍କୁ କେମିତି ଶୀଘ୍ର ଘର ଦିଆଯିବ ଏବଂ ସେମାନଙ୍କ ଯୋଗ୍ୟତା ଅଛି ସେମାନେ ଘର କିଣିପାରିବେ। ୧୪ ଲକ୍ଷରୁ ୫୦ ଲକ୍ଷ ଭିତରେ ଘର ଦେବାକୁ ସରକାର ପ୍ରସ୍ତୁତ କରିଛନ୍ତି। ପ୍ରଥମେ ୯୦ଟି ଘର ଦିଆଯିବ। ବଡ଼ବଡ଼ ସହରର ବିକାଶ ପାଇଁ ଟିପି ପ୍ରସ୍ତୁତ ସରିଛି।

## ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ ଉତ୍ସବ

# ଓଡ଼ିଶା ଓ ଭାରତକୁ ବିଶ୍ୱ ପାଇଁ କ୍ରୀଡ଼ା ଉତ୍କର୍ଷର ଉଜ୍ଜ୍ୱଳ ବତୀଘର କରିବାକୁ ରାଜ୍ୟପାଳଙ୍କ ଆହ୍ୱାନ

**ଭୁବନେଶ୍ୱର, ୨୯।୦୮**
**ନ୍ୟୁଜ୍‌ବ୍ୟୁରୋ**

ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର କୀର୍ତ୍ତି ଓ କୃତି ଦ୍ୱାରା ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଦଳଗତ ଉଦ୍ୟମ, ସାହସ ଓ ନମ୍ରତାର ମୂଲ୍ୟବୋଧକୁ ପାଥେୟ କରି ଓଡ଼ିଶା ଏବଂ ଭାରତକୁ ବିଶ୍ୱପାଇଁ କ୍ରୀଡ଼ା ଉତ୍କର୍ଷତାର ଉଜ୍ଜ୍ୱଳ ବତୀଘର କରିବା ନିମନ୍ତେ ପ୍ରୟାସ କରିବାକୁ ରାଜ୍ୟପାଳ ଡ. ହରିବାବୁ କମ୍ଭମପାଟି ଆହ୍ୱାନ ଜଣାଇଛନ୍ତି।




ଗୁରୁବାର ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହି ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ କରି ନିଜ ଉଦ୍‌ବୋଧନରେ ରାଜ୍ୟପାଳ କହିଥିଲେ ଯେ ଯେଉଁ ପିଲାମାନେ କ୍ରୀଡ଼ା କ୍ଷେତ୍ରକୁ ଆସୁଛନ୍ତି ସେମାନଙ୍କ ଠାରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ସମ୍ଭାବନାକୁ ପୋଷଣ କରି ସେମାନଙ୍କୁ ଉତ୍କର୍ଷତା ପ୍ରତିପାଦନ ଦିଗରେ ଉତ୍ସାହିତ କରିବା ଆମର କର୍ତ୍ତବ୍ୟ ହେବା ଉଚିତ। ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନରେ ସମ୍ମାନିତ କୃତୀ କ୍ରୀଡ଼ାବିତ୍‌ଙ୍କୁ ଅଭିନନ୍ଦନ ଜଣାଇ ରାଜ୍ୟପାଳ କହିଥିଲେ ଯେ ସେମାନଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ ବରଂ ଆମ ରାଜ୍ୟ ଓ ଦେଶ ପାଇଁ ଏକ ସାମୁହିକ ଗର୍ବ। ସେମାନେ ଓଡ଼ିଶାର କ୍ରୀଡ଼ା ମନୋଭାବର ମଶାଲ ବାହକ ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ। ସେହିପରି ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବିଜେତାଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ସାହସ ଏବଂ ନିଃସ୍ୱାର୍ଥପର କାର୍ଯ୍ୟ ଓଡ଼ିଶାର ପ୍ରକୃତ ଆତ୍ମାକୁ ପ୍ରତିଫଳିତ କରେ ଏବଂ ନିର୍ଭୀକତା ଓ ମାନବତାର ସହିତ ସେବା କରିବା ପାଇଁ ଅଗଣିତ ଯୁବ ହୃଦୟକୁ ପ୍ରେରଣା ଦେଇ ଚାଲିବ ବୋଲି ରାଜ୍ୟପାଳ କହିଥିଲେ। କ୍ରୀଡ଼ା କ୍ଷେତ୍ରରେ ଏପରି ପରିବର୍ତ୍ତନ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କର ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱ ଏବଂ ଓଡ଼ିଶା ସରକାରଙ୍କ ସକ୍ରିୟ ପ୍ରୟାସ ଦ୍ୱାରା ପରିଚାଳିତ ହୋଇଛି। ତୃଣମୂଳ ସ୍ତରରୁ କ୍ରୀଡ଼ା ଓ ତାଲିମକୁ ପ୍ରୋତ୍ସାହନ ଭଳି ପଦକ୍ଷେପ କ୍ରୀଡାକୁ ଏକ ବୃତି ଏବଂ ଜୀବନ ଶୈଳୀ ଭାବରେ ଏକ ସମୃଦ୍ଧ ଇକୋସିଷ୍ଟମ୍ ସୃଷ୍ଟି କରିବାରେ ଉଦ୍ୟମ ଜାରି ରହିଛି ବୋଲି ରାଜ୍ୟପାଳ କହିଛନ୍ତି।

ଏହି ସମାରୋହରେ କ୍ରୀଡ଼ା ଓ ଯୁବସେବା, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏକାମ୍ର-ଭୁବନେଶ୍ୱର ବିଧାୟକ ବାବୁ ସିଂହ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନକରି ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ବିକାଶ ପାଇଁ ସରକାରଙ୍କ ତରଫରୁ ନିଆଯାଉଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ କ୍ରୀଡ଼ା କ୍ଷେତ୍ରରେ ଓଡ଼ିଶାର ସମ୍ଭାବନାକୁ ସଫଳତାରେ ପରିଣତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଏଦୁଲା ବିଜୟ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ଅବସରରେ ୮ ଜଣ କୃତୀ କ୍ରୀଡ଼ାବିତ୍‌ଙ୍କୁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିବା ବେଳେ ଅସାଧାରଣ ସାହସିକତା ପ୍ରଦର୍ଶନ ପାଇଁ ଦୁଇ ଜଣକୁ ବିଜୁପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା।

# ଡ୍ରଗ୍ସ ସେବନ, ଚୋରାଚାଲାଣ ଏବଂ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ୧ରୁ ସ୍ୱତନ୍ତ୍ର ଅଭିଯାନ

**ଭୁବନେଶ୍ୱର, ୨୯।୦୮**
**ନ୍ୟୁଜ୍‌ବ୍ୟୁରୋ**

ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ସହରରେ ଡ୍ରଗ୍ସ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ସେବନ, ଚୋରାଚାଲାଣ ଏବଂ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ସଂପର୍କରେ ଶୁକ୍ରବାର ରାଜ୍ୟ ଆଇନ୍, ପୂର୍ତ୍ତ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ପୁଲିସ୍ ପ୍ରଶାସନ, ଅବକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଅଧିକାରୀମାନେ ଯୋଗଦେଇ ଏହି ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବେଆଇନ୍ ମାଦକ ଦ୍ରବ୍ୟ ବିକ୍ରି, ଚୋରାଚାଲାଣରେ ଅଙ୍କୁଶ ଲଗାଇବା ପାଇଁ ସେପ୍ଟେମ୍ବର ୧ ତାରିଖରୁ ସମ୍ପୃକ୍ତ ସବୁ ବିଭାଗମାନଙ୍କର ମିଳିତ ସମନ୍ୱୟରେ ଭୁବନେଶ୍ୱର ସହର ତଥା ରାଜ୍ୟର ସବୁ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଆରମ୍ଭ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ନିଶା ଦ୍ରବ୍ୟ ଚୋରାଚାଲାଣ ଗ୍ରୁପ୍‌ଗୁଡ଼ିକୁ ଧରିବା ଏବଂ ଏସବୁର ପ୍ରଚ୍ଛଦ ପଟରେ ଥିବା ଚାଲାଣକାରୀଙ୍କୁ ମଧ ବନ୍ଧାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ପେଶାଲ ଟାସ୍କ ଫୋର୍ସ-ଅବକାରୀ-ଏନ୍‌ସିବି-ବିଏମ୍‌ସି ମିଳିତ ଭାବେ ଭୁବନେଶ୍ୱରକୁ ଏକ ନିଶାମୁକ୍ତ ସହର କରିବାକୁ କାର୍ଯ୍ୟ କରିବେ। ସ୍ପେଶାଲ ଟାସ୍କ ଫୋର୍ସ (ଏସଟିଏଫ୍) ଦ୍ୱାରା 'ଅପରେସନ ପ୍ରହାର' ଆରମ୍ଭ କରାଯିବ। ପେଶାଦାର ଅପରାଧୀମାନଙ୍କୁ ବାନ୍ଧିବା ପାଇଁ ମାଦକ ଦ୍ରବ୍ୟ ଏବଂ ମାନସିକ ସ୍ନାୟବିକ କ୍ଷତିକାରକ ତଥା ବ୍ୟବହାରିକ କୁପ୍ରଭାବ ପକାଉଥିବା ପଦାର୍ଥର ଅବୈଧ ଚାଲାଣ ପ୍ରତିରୋଧ ଅଧିନିୟମ (ପିଆଇଟି-ଏନଡିପିଏସ୍) ଧାରା ଏବଂ ସିଆରପିସି ୧୧୦ (ବିଏନଏସଏସ-୧୨୯) ଧାରା ଲଗାଯିବ। ନିଶା ନିବାରଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଅନ୍ତତଃ ଗୋଟିଏ ଲେଖାଏଁ ମଡେଲ ନିଶା ନିବାରଣ କେନ୍ଦ୍ର ରାଜ୍ୟ ସରକାର ସ୍ଥାପନ କରିବେ। ଶିକ୍ଷା ନଗରୀ ଭୁବନେଶ୍ୱରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଚଢ଼ଉ ବ୍ୟାପକ କରାଯିବ। ମନ୍ତ୍ରୀ କହିଛନ୍ତି ଯେ, ଡ୍ରଗ୍ସ, ନିଶା ଦ୍ରବ୍ୟ ସେବନ କରିବା ଦ୍ୱାରା ବିଭିନ୍ନ କ୍ରିମିନାଲ କାର୍ଯ୍ୟକଳାପ ବଢ଼ୁଛି। ସେଥିପାଇଁ ବ୍ୟାପକ ଚଢ଼ଉର ଆବଶ୍ୟକତା ରହିଛି। ମନ୍ତ୍ରୀ ସମସ୍ତ ବିଭାଗ ମୁଖ୍ୟମାନଙ୍କୁ ପୂର୍ଣ୍ଣ ପ୍ରୟାସ ଦ୍ୱାରା ନିଶା ନିବାରଣ କରିବା ଏବଂ ନିଶା ବେପାରୀଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ରଣକୌଶଳ ଅବଲମ୍ବନ ତଥା ଟେକ୍ନୋଲୋଜି ବ୍ୟବହାର କରିବା ପାଇଁ ଆହ୍ୱାନ ଦେଇଛନ୍ତି। ବିଭିନ୍ନ ପଥ ଦେଇ ମାଦକ ଦ୍ରବ୍ୟ ଚୋରା ଚାଲାଣକୁ ରୋକିବା ପାଇଁ ପଦକ୍ଷେପ ନେବାକୁ ବିସ୍ତୃତ ଆଲୋଚନା କରାଯାଇଥିଲା।

ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବେଆଇନ୍ ମାଦ୍ରକ ଦ୍ରବ୍ୟ ଚୋରାଚାଲାଣ ଓ ନିଶାଦ୍ରବ ବ୍ୟବହାର ବିଭିନ୍ନ ଅପରାଧର କାରଣ ହେଉଥିବା ଏବଂ ଏହା ସମାଜ ପ୍ରତି କ୍ଷତିର କାରଣ ହେଉଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ।

ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଇଜି- ସିଆଇଡି-ସିବି (ସ୍ୱତନ୍ତ୍ର ଟାସ୍କ ଫୋର୍ସ) ଡ଼ଃ. ସାର୍ଥକ ଷଡ଼ଙ୍ଗୀ, ଅବକାରୀ କମିଶନର, ଓଡ଼ିଶା ପି.ଅନ୍ୱେଷା ରେଡ୍ଡୀ, ଏନ୍‌ସିବିର ଆଞ୍ଚଳିକ ନିର୍ଦ୍ଦେଶକ, କୁଳଦୀପ ଶର୍ମା, ଭୁବନେଶ୍ୱର-କଟକ ଏସିପି ନରସିଂହ ଭୋଳଙ୍କ ସମେତ ସଂପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ।

# ପୁରୀ ଶଙ୍କରାଚାର୍ଯ୍ୟଙ୍କ ଆଶୀର୍ବାଦ ନେଲେ ନୂଆ ଏସ୍‌ପି ପ୍ରତୀକ ସିଂ

**ପୁରୀ/ଭୁବନେଶ୍ୱର, ୨୯।୦୮ :ନ୍ୟୁଜ୍‌ବ୍ୟୁରୋ**

ପୁରୀର ନୂତନ ଆରକ୍ଷୀ ଅଧିକ୍ଷକ ପ୍ରତୀକ ସିଂ ଦାୟିତ୍ୱ ଗ୍ରହଣ କରିବା ପରେ ନିଜର ଦାୟିତ୍ୱ ପ୍ରତିପାଦନ ସ୍ୱରୁପ ଶ୍ରୀଶଙ୍କରାଚାର୍ଯ୍ୟ-ଗୋବର୍ଦ୍ଧନ ପୀଠକୁ ଆସି ପୂଜ୍ୟପାଦ ଜଗଦଗୁରୁ ଶଙ୍କରାଚାର୍ଯ୍ୟ ଗୁରୁଦେବଙ୍କ ଆଶୀର୍ବାଦ ଓ ମାର୍ଗଦର୍ଶନ ଗ୍ରହଣ କରିଛନ୍ତି। ଏହି ଅବସରରେ ଶଙ୍କରାଚାର୍ଯ୍ୟ କହିଥିଲେ ସନାତନ ସଂସ୍କୃତି ଓ ପରମ୍ପରାରେ ପୁରୀ କେବଳ ଏକ ଧାର୍ମିକ ଓ ଆଧ୍ୟାତ୍ମିକ କ୍ଷେତ୍ର ନୁହେଁ, ଏହା ବିଶ୍ୱର ଆଧ୍ୟାତ୍ମିକ ରାଜଧାନୀ ଭାବରେ ପ୍ରତିଷ୍ଠିତ। ଶ୍ରୀଜଗନ୍ନାଥ ମହାପ୍ରଭୁଙ୍କ ଦିବ୍ୟ ଶ୍ରୀମନ୍ଦିର ସଦା ସର୍ବଦା ବିଧର୍ମୀ ଓ କୁଚକ୍ରୀମାନେଙ୍କ ଦୃଷ୍ଟିରେ ରହିଛି। ଶ୍ରୀମନ୍ଦିରର ସୁରକ୍ଷା ଏକ ଆହ୍ୱାନ। ଏହାର ଧାର୍ମିକ ବ୍ୟବସ୍ଥା ହିଁ ଏହାର ଦିବ୍ୟତା ଓ ପବିତ୍ରତା। ଏହାକୁ ନଷ୍ଟ କରିବା ପାଇଁ ଅନେକ ଅରାଜକ ତତ୍ତ୍ୱ ସଦାସର୍ବଦା ତତ୍ପର ରହିଥାନ୍ତି। ଏହା ଉପରେ କଡ଼ା ଅନୁଶାସନର ଆବଶ୍ୟକତା ଅଛି। ତୀର୍ଥରାଜ ମହୋଦଧିଙ୍କ ବିସ୍ତୀର୍ଣ୍ଣ ବେଳାଭୂମି କେବଳ ମନୋରଞ୍ଜନର କେନ୍ଦ୍ର ନହୋଇ ତୀର୍ଥଯାତ୍ରୀଙ୍କ ସୁରକ୍ଷା, ସୁବିଧା ଆଦି ପ୍ରତି ସତର୍କ ରହିବା ସହ ମାଦକ ଦ୍ରବ୍ୟ ସେବନର କେନ୍ଦ୍ର ନହେବା ଦିଗରେ ପରାମର୍ଶ ଦେଇଥିଲେ। ଆରକ୍ଷୀ ଅଧିକ୍ଷକ ଶ୍ରୀ ସିଂଙ୍କ ସହିତ ଜିଲ୍ଲା ପୋଲିସ ପ୍ରଶାସନର ବରିଷ୍ଠ ଅଧିକାରୀ ଓ ସହରାଞ୍ଚଳର ବିଭିନ୍ନ ଥାନା ଅଧିକାରୀମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମଠର ବିଭିନ୍ନ ବିଭାଗର ପ୍ରମୁଖ କର୍ମକର୍ତ୍ତାମାନଙ୍କ ସହ ଆଲୋଚନା କରିଥିଲେ।

# ରାଜ୍ୟରେ ଚାଲିବ ୧୦୦୦ ଇ-ବସ୍



**ଭୁବନେଶ୍ୱର, ୨୯।୦୮**
**ନ୍ୟୁଜ୍‌ବ୍ୟୁରୋ**

ଓଡ଼ିଶା ଇଲେକ୍ଟ୍ରିକ୍ ବସ୍ (ଇ-ବସ୍) ଚଳାଚଳରେ ଦେଶରେ ପଞ୍ଚମ ସ୍ଥାନ ହାସଲ କରି ସହରାଞ୍ଚଳ ପରିବହନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ ହାସଲ କରିଛି। ରାଜ୍ୟରେ ଏବେ ୪୫୦ଟି ଇ-ବସ୍ ଚଳାଚଳ କରୁଥିବାବେଳେ ଆଗାମୀ ବର୍ଷଗୁଡ଼ିକରେ ଏହି ସଂଖ୍ୟା ୧୦୦୦ ଅତିକ୍ରମ କରିବାକୁ ଯୋଜନା କରାଯାଇଛି। ସହରଗୁଡ଼ିକୁ ସ୍ୱଚ୍ଛ, ସ୍ମାର୍ଟ ଏବଂ ଅଧିକ ଯାତ୍ରୀ ଅନୁକୂଳ କରିବା ପାଇଁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଛି ବୋଲି ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ବିଭାଗର ସୂଚନାନୁସାରେ, ଦେଶରେ ଏବେ ୧୪୩୨୯ଟି ଇ-ବସ୍ ଚଳାଚଳ କରୁଛି। ଦିଲ୍ଲୀରେ ସର୍ବାଧିକ ୩୫୬୪ ଇ-ବସ୍ ଚଳାଚଳ କରୁଥିବାବେଳେ ମହାରାଷ୍ଟ୍ରରେ ୩୨୯୬, କର୍ଣ୍ଣାଟକରେ ୨୨୩୬ ଏବଂ ଉତ୍ତର ପ୍ରଦେଶରେ ୮୫୦ଟି ଇ-ବସ୍ ଚାଲୁଛି। ତେବେ ଓଡ଼ିଶା ସହରାଞ୍ଚଳରେ ପରିବେଶ ଅନୁକୂଳ ଗମନାଗମନ କ୍ଷେତ୍ରରେ ନିର୍ଣ୍ଣାୟକ ପଦକ୍ଷେପ ନେଇ ପଡ଼ୋଶୀ ପଶ୍ଚିମବଙ୍ଗ (୩୯୧), ଆନ୍ଧ୍ର ପ୍ରଦେଶ (୨୩୮), ଛତିଶଗଡ଼ (୨୧୫) ଏବଂ ଝାଡ଼ଖଣ୍ଡ (୪୬)କୁ ଏ କ୍ଷେତ୍ରରେ ପଛରେ ପକାଇଛି। କେନ୍ଦ୍ର ସରକାର ପିଏମ୍-ଇ ବସ୍ ସେବା ଏବଂ ପିଏମ୍-ଇ-ଡ୍ରାଇଭ୍ ଭଳି ଯୋଜନା ଅଧୀନରେ ରାଜ୍ୟଗୁଡ଼ିକୁ ଆର୍ଥିକ ସହାୟତା ପ୍ରଦାନ କରୁଛନ୍ତି। ଓଡ଼ିଶାରେ ଆମ ବସ୍ ସେବା ପରିଚାଳନା କରୁଥିବା କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ (କ୍ରୁଟ) ଏହି ସହାୟତାର ଲାଭ ଉଠାଇବାରେ ସକ୍ରିୟ ରହିଛି ଏବଂ ସମ୍ବଲପୁର, ଝାରସୁଗୁଡ଼ା, କେନ୍ଦୁଝର, ବ୍ରହ୍ମପୁର ଓ ଅନୁଗୋଳକୁ ଆମ ବସ୍ ସେବା ସମ୍ପ୍ରସାରଣ ପାଇଁ ପ୍ରସ୍ତୁତି ଚଳାଇଛି। ଆମ ବସ୍ ସେବାର ନିରବଚ୍ଛିନ୍ନ ପରିଚାଳନା ସୁନିଶ୍ଚିତ କରିବା ପାଇଁ କ୍ରୁଟ ଡିପୋ ଏବଂ ଟର୍ମିନାଲରେ ଚାର୍ଜିଂ ଷ୍ଟେଶନ ସ୍ଥାପନ କରାଯାଉଛି। ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ଓଡ଼ିଶାର ସବୁଜ ଦୃଷ୍ଟିକୋଣ ଉପରେ ଆଲୋକପାତ କରି ଇ-ପରିବହନରେ ଓଡ଼ିଶାର ଦ୍ରୁତ ଅଗ୍ରଗତି ଉଭୟ ପରିବେଶ ଏବଂ ଲୋକଙ୍କ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଥିବା କହିଛନ୍ତି। ଏବେ ଓଡ଼ିଶାରେ ଇ-ବସ୍ ମୁଖ୍ୟତଃ ଭୁବନେଶ୍ୱର, କଟକ ଏବଂ ପୁରୀର ଯାତ୍ରୀମାନଙ୍କୁ ସେବା ପ୍ରଦାନ କରୁଥିବା ସୂଚନା ଦିଆଯାଇଛି।

# ଗୋପାଳପୁର ବେଳାଭୂମିର ବିକାଶ ପାଇଁ ୩୨ କୋଟି ଟଙ୍କା ମଞ୍ଜୁର

**ବ୍ରହ୍ମପର, ୨୯।୦୮**
**ନ୍ୟୁଜ୍‌ବ୍ୟୁରୋ**

ଗୋପାଳପୁର ବେଳାଭୂମିର ଶାନ୍ତ ପରିବେଶ ସାଧାରଣତଃ ପର୍ଯ୍ୟଟକଙ୍କୁ ଅଧିକ ଆକର୍ଷିତ କରିଥାଏ। ଏହାର ଉନ୍ନତିକରଣ ଓ ସୌନ୍ଦର୍ଯ୍ୟ ବୃଦ୍ଧି ପାଇଁ ପୂର୍ବ ସରକାର ଅମଳରେ ବିଭିନ୍ନ ପଦକ୍ଷେପ ଗ୍ରହଣ କରାଯାଇଥିବା ବେଳେ ବର୍ତ୍ତମାନ ମଧ୍ୟ ଏଥିପ୍ରତି ଧ୍ୟାନ ଦିଆଯାଇଛି। ନବୀନ ପଟ୍ଟନାୟକଙ୍କ ସରକାର ଅମଳରେ ବେଳାଭୂମିର ପ୍ରମୁଖ ଭାଗର ଉନ୍ନତିକରଣ ପାଇଁ ୮ କୋଟି ଟଙ୍କାର ବ୍ୟୟବରାଦ କରାଯାଇ ଏହି ଅର୍ଥ ୨୦୨୩ ଜୁଲାଇରେ ପ୍ରଦାନ କରାଯାଇଥିଲା। ତେବେ ବିଭିନ୍ନ କାରଣରୁ ଉକ୍ତ ଅର୍ଥ ବିନିଯୋଗ ହୋଇପାରିନଥିଲା। ଉକ୍ତ ଅର୍ଥକୁ ମିଶାଇ ବର୍ତ୍ତମାନ ପର୍ଯ୍ୟଟନ ବିଭାଗ ଦୁଇଟି ପ୍ରକଳ୍ପ ପାଇଁ ମୋଟ ୩୨ କୋଟି ଟଙ୍କାର ବ୍ୟୟ ମଞ୍ଜୁର କରିଥିବା ଜଣାପଡ଼ିଛି। ପ୍ରଥମ ପ୍ରକଳ୍ପରେ ବେଳାଭୂମିର ସମ୍ମୁଖ ଭାଗରେ ଦୁଇଟି ପ୍ରବେଶ ଫାଟକ ଓ ସୁରକ୍ଷା ସେଡ୍, ପାର୍କିଂସ୍ଥଳୀ, ଶିଶୁ ଉଦ୍ୟାନ, ଦୁଇଟି ଓଜ୍ ଟାୱାର, ପର୍ଯ୍ୟଟକଙ୍କ ବସିବା ପାଇଁ



ଚୌକିର ବ୍ୟବସ୍ଥା, ଡଷ୍ଟବିନ୍, ଭୂତଳ ପାଣି ଟାଙ୍କି, ସୂଚନାଫଳକ, ବିଦ୍ୟୁତ୍ ଟ୍ରାନ୍ସଫର୍ମରର ସୁଦୃଢ଼ୀକରଣ ଏବଂ ସିସିଟିଭି କ୍ୟାମେରା ଆଦି ବ୍ୟବସ୍ଥା କରିବାର ଯୋଜନା ରଖାଯାଇଛି। ଏଥିପାଇଁ ପ୍ରାୟ ୮ କୋଟି ୯ ଲକ୍ଷ ଟଙ୍କା ବିନିଯୋଗ କରାଯିବ। ସେହିଭଳି ଦ୍ୱିତୀୟ ପ୍ରସ୍ତାବିତ ପ୍ରକଳ୍ପ ପାଇଁ ୨୪ କୋଟି ଟଙ୍କାର ଆର୍ଥିକ ମଞ୍ଜୁର ହୋଇସାରିଛି। ଏଥିରେ ପାନ୍ଥନିବାସ ପଛଭାଗରେ ୨.୩ କିଲୋମିଟର ଦୂରତା ପର୍ଯ୍ୟନ୍ତ ନୂତନ ବେଳାଭୂମି ବା ପୁରୁଣା ବେଳାଭୂମିକୁ ସମ୍ପ୍ରସାରିତ କରାଯିବ। ଯେଉଁଥିରେ ସଂଯୋଗ କରୁଥିବା ରାସ୍ତା ନିର୍ମାଣ ସହିତ ସ୍ୱତନ୍ତ୍ର ପାର୍କିଂର ବ୍ୟବସ୍ଥା, ଇକୋ ରିଟ୍ରିଟ୍ ପାଖରେ ବର୍ତ୍ତମାନ ଥିବା କାଠ ପୋଲ ବାରମ୍ବାର ସମୁଦ୍ର ପାଣି ଓ ପବନ ବାଜି ନଷ୍ଟ ହୋଇଯାଉଥିବାରୁ ସେଠାରେ ଭିନ୍ନ ମେଟାଲ୍‌ର ପୋଲ ନିର୍ମାଣ କରାଯିବ। ସେହିଭଳି ପର୍ଯ୍ୟଟକଙ୍କ ପାଇଁ ସ୍ୱତନ୍ତ୍ର ଚେଞ୍ଜିଂ ରୁମ୍ ଓ ଶୌଚାଳୟ, ବର୍ଷା ଆଶ୍ରୟ ସ୍ଥଳୀ, ବେଳାଭୂମିର ସଫେଇ କାର୍ଯ୍ୟ, ଚଲା ରାସ୍ତା, ୧୦୦ଟି ଦୋକାନ ଗୃହ ଆଦି ନିର୍ମାଣ କରାଯିବାକୁ ପ୍ରସ୍ତାବ ରହିଛି। ଦ୍ୱିତୀୟ ପ୍ରକଳ୍ପରେ ସିଭିଲ୍ କାମ ପାଇଁ ମୋଟ ୧୫ କୋଟି ୩୦ ଲକ୍ଷ ବ୍ୟୟ ଅଟକଳ ରହିଥିବା ବେଳେ ଇଲେକ୍ଟ୍ରିକାଲ୍ କାମ ପାଇଁ ୨କୋଟି ୩୮ ଲକ୍ଷ ଏବଂ ପାନୀୟଜଳ ଯୋଗାଣ ଓ ପରିମଳ ବ୍ୟବସ୍ଥା ପାଇଁ ୧ କୋଟି ୧୯ ଲକ୍ଷ ଟଙ୍କାର ବ୍ୟୟ ବରାଦ କରାଯାଇଛି। ବ୍ରହ୍ମପୁର ଉନ୍ନୟନ କର୍ତ୍ତୃପକ୍ଷଙ୍କ ଦ୍ୱାରା ଏହି ପ୍ରକଳ୍ପ କାର୍ଯ୍ୟ ଖୁବ୍ ଶୀଘ୍ର ଆରମ୍ଭ ହେବ ବୋଲି ସୂଚନା ମିଳିଛି। ବର୍ତ୍ତମାନ ଗୋପାଳପୁର ଠାରେ ଏକମାତ୍ର ବେଳାଭୂମି ରହିଛି ଯାହାକୁ ପର୍ଯ୍ୟଟକମାନେ ସୁରକ୍ଷିତ ଉପଭୋଗ କରିପାରୁଛନ୍ତି। ତେବେ ପ୍ରସ୍ତାବିତ ଦ୍ୱିତୀୟ ବେଳାଭୂମି ନିର୍ମାଣ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ ହେଲେ ଏଥିପ୍ରତି ଅଧିକ ପର୍ଯ୍ୟଟକ ଆକୃଷ୍ଟ ହୋଇପାରିବେ ବୋଲି ଆଶା କରାଯାଇଛି। ସ୍ଥାନୀୟ ଲୋକଙ୍କ ଆର୍ଥିକ ଉନ୍ନତିକୁ ଦୃଷ୍ଟିରେ ରଖି ମଧ ପ୍ରସ୍ତାବିତ ଦ୍ୱିତୀୟ ବେଳାଭୂମିରେ ୧୦୦ଟି ଦୋକାନ ଗୃହ ନିର୍ମାଣ କରାଯିବ ଯାହା ସ୍ଥାନୀୟ ଲୋକଙ୍କୁ ରୋଜଗାର ଦେବା ସହିତ ପର୍ଯ୍ୟଟକଙ୍କ ପାଇଁ ବେଶ୍ ସୁବିଧା ହେବ। ନିକଟରେ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତିଭାସନ୍, ବିଇଡିଏ ଉପାଧ୍ୟକ୍ଷ ପ୍ରଥମେଶ ଅରବିନ୍ଦ ରାଜସିର୍କେ ଓ ବ୍ରହ୍ମପୁର ଉପ ଜିଲ୍ଲାପାଳ ଅବିନାଶ କୁମାର ଗୋପାଳପୁର ବେଳାଭୂମି ଗସ୍ତ କରି ପ୍ରସ୍ତାବିତ ଉଭୟ ପ୍ରକଳ୍ପର ବିଭିନ୍ନ ଦିଗକୁ ନେଇ ସମୀକ୍ଷା କରିଥିଲେ। ସେହିଭଳି ଗୋପାଳପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ମଧ ବେଳାଭୂମିରେ ୭୦ ଲକ୍ଷ ଟଙ୍କା ବ୍ୟୟରେ ବେଳାଭୂମିରୁ ସମୁଦ୍ର ଭିତରକୁ ଅନ୍ୟୁନ ଏକ କିଲୋମିଟର ଦୂରତା ପର୍ଯ୍ୟନ୍ତ ଏକ ସି-ୱେ ନିର୍ମାଣ କରିବାକୁ ଯୋଜନା ଥିବା ଜଣାପଡ଼ିଛି। ବେଳାଭୂମିରେ ଏହି ପ୍ରକଳ୍ପ ଗୁଡ଼ିକ କାର୍ଯ୍ୟକ୍ଷମ ହେଲେ ଗୋପାଳପୁରର ଚିତ୍ର ବଦଳିଯିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ତେବେ ବେଳାଭୂମିରେ ଆଲୋକୀକରଣ ଓ ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଅଧିକ ଗୁରୁତ୍ୱ ଦେଇ ବିଭିନ୍ନ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହୋଇଛି।